## ଏସ୍‌ବିଆଇ ଏଟିଏମ୍ ତାଡ଼ି ୮ ଲକ୍ଷ ଲୁଟ୍

# ୪ ଅଭିଯୁକ୍ତ ଅଟକ: ସୋହେଲାରୁ ଧରାପଡ଼ିଲେ ୨

**ବରଗଡ଼, ୯ ।୧ (ସମିସ):** ସଦର ଥାନାର ଝାରଗାଡ଼ିଆ ଫାଣ୍ଡି ଅନ୍ତର୍ଗତ ପଞ୍ଚୁପଟି ଭାରତ ପେଟ୍ରୋଲିୟମ ନିକଟରେ ଥିବା ଏକ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏଟିଏମ୍‌କୁ କେତେକ ଦୁର୍ବୃତ୍ତ ଗ୍ୟାସ୍ କଟରରେ କାଟି ପ୍ରାୟ ୮ ଲକ୍ଷ ୯୬ ହଜାର ଟଙ୍କା ଲୁଟି ନେଇଛନ୍ତି । ପୁଲିସ୍ ୬ ଜଣ ଅଭିଯୁକ୍ତମାନଙ୍କ ମଧ୍ୟରୁ ୪ଜଣଙ୍କୁ ଗିରଫ କରି ସେମାନଙ୍କଠାରୁ ଲୁଟ୍ ଟଙ୍କାକୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି ।

ବୁଧବାର ବିଳମ୍ବିତ ରାତିରେ ପଞ୍ଚୁପଟି ଭାରତ ପେଟ୍ରୋଲିୟମ୍ ତଥା ୫୫ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ରହିଛି ଏସ୍‌ବିଆଇ ଏଟିଏମ୍। ଏଟିଏମ୍ ପାଖରେ ହିନ୍ଦୁସ୍ଥାନ ପାଟ୍ରୋଲିୟମ ରହିଥିବା ବେଳେ ଏହି ସ୍ଥାନଟି ପ୍ରାୟତଃ ଶୁନ୍ଶାନ୍ ରହିଥାଏ। ବୁଧବାର ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ଫିଲ୍ମ ଷ୍ଟାଇଲରେ ଏକ କଣ୍ଟେନର ସହ କାର୍ରେ ଆସି ଏଟିଏମ ମଧ୍ୟରେ ପ୍ରବେଶ କରି ଗ୍ୟାସ କଟର ଯୋଗେ ଏଟିଏମକୁ କାଟିଥିଲେ ଏବଂ ସେଥିରେ ଥିବା ଲକ୍ଷାଧିକ ଟଙ୍କା ଲୁଟିନେବାରେ ସକ୍ଷମ ହୋଇଥିଲେ। ଏଟିଏମ୍ରେ ଥିବା ସାଇରନ୍ ବାଜିବାରୁ ବ୍ୟାଙ୍କ୍ କର୍ମଚାରୀମାନେ ଏନେଇ ଏସ୍ପି ଅଭିନବ ସୋନକରଙ୍କୁ ତତ୍କ୍ଷଣାତ୍ ଖବର ଦେଇଥିଲେ। ଖବର ପାଇ ଏସ୍ପି ଶ୍ରୀ ସୋନକରଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ କରାଯାଇ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ଥାନା ଅଞ୍ଚଳରେ ଯାଞ୍ଚ କରାଯାଇ ତଦନ୍ତ ଜାରି ରହିଥିଲା। ଦୁର୍ବୃତ୍ତମାନେ ଏଟିଏମ୍ରେ ଥିବା ସିସିଟିଭିକୁ ଭାଙ୍ଗିବା ସହିତ ଗ୍ୟାସ କଟରରେ କାଟି ବାମ ପାର୍ଶ୍ୱର ଏଟିଏମ୍ ଚାମ୍ବରକୁ ଭାଙ୍ଗି ତା ମଧ୍ୟରୁ ଲକ୍ଷାଧିକ ଟଙ୍କା ଲୁଟ କରିବାରେ ସଫଳ ହୋଇଛନ୍ତି। ଏହି ପ୍ରମାଣ ଲୁଚାଇବାକୁ ଏଟିଏମ୍‌କୁ ପୋଡି ଦେବା ସହିତ ସବୁକିଛି ନଷ୍ଟ କରିଦେଇଛନ୍ତି। ସଦର ଥାନାଧିକାରୀ ଦୀପକ କୁମାର ଲେଙ୍କାଙ୍କ ସହାୟତାରେ ଦୁର୍ବୃତ୍ତଙ୍କ ପିଛା କରିବା ସହିତ ବରଗଡ଼ ଜିଲ୍ଲାର ସୋହେଲା ଅଞ୍ଚଳରୁ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛନ୍ତି। ସେହିପରି ଅନ୍ୟ ୨ଜଣ ଅଭିଯୁକ୍ତଙ୍କୁ ସ୍ଥାନୀୟ ଅଞ୍ଚଳରେ ଏକ ଡ୍ରେନ ମଧ୍ୟରେ ଲୁଚିଥିବା ବେଳେ ଗିରଫ କରାଯାଇଛି । ଅନ୍ୟ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୁଲିସ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି ।

**କଣ୍ଟେନର ଓ କାର୍ ବ୍ୟବହାର କରିଥିଲେ**

**ରାଜସ୍ଥାନରୁ ଆସି ଓଡ଼ିଶାରେ କରୁଥିଲେ ଲୁଟ୍**

ଏହି ଲୁଟ୍ ଘଟଣାରେ ସ୍ଥାନୀୟ କିମ୍ବା ଓଡ଼ିଶାର କେହି ଅଭିଯୁକ୍ତ ସମ୍ପୃକ୍ତ ଅଛନ୍ତି କି ନାହିଁ, ପୁଲିସ ତଦନ୍ତ ଚଳାଇଛି। ଏହି ଲୁଟେରାମାନେ ରାଜସ୍ଥାନ ଅଞ୍ଚଳର ବୋଲି ଜଣାପଡ଼ିଛି। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ତରଫରୁ ପ୍ରଦାନ କରାଯାଇଥିବା ସୂଚନା ଅନୁସାରେ, ମୋଟ ୮ ଲକ୍ଷ ୯୬ ହଜାର ୩ଶହ ଟଙ୍କା ଲୁଟ ହୋଇଛି। ତଦନ୍ତକାରୀ ପୁଲିସ ଟିମ୍ ଅଭିଯୁକ୍ତମାନଙ୍କ ଠାରୁ ଗ୍ୟାସ କଟର, ଏକ ବ୍ୟବହୃତ କାର ସହିତ ଏକ କଣ୍ଟେନରକୁ ମଧ୍ୟ ଜବତ କରାଯାଇଛି। ଏଭଳି ଘଟଣାକୁ ନେଇ ଭିନ୍ନ ମତ ପ୍ରକାଶ ପାଇଥିବା ବେଳେ କୌଣସି ସୁରକ୍ଷା ନଥିବା ଶୁନ୍ଶାନ୍ ସ୍ଥାନରେ କିଭଳି ଏଟିଏମ୍ କରାଯାଇଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ପୁଲିସର ଦାଦାଗିରିକୁ ନେଇ ବର୍ଷିଲେ ଦୀପାଳି

ଝାରସୁଗୁଡ଼ା, ୯।୧(ସମିସ)



**ବିନା ସର୍ଚ୍ଚ ୱାରେଣ୍ଟରେ ଭାଇ ହୋଟେଲରେ ଚଢ଼ଉ କରିଛି**

**ପୁଲିସ ସହ ଗୁଣ୍ଡା ଆସି ଷ୍ଟାଫଙ୍କୁ ଦୁର୍ବ୍ୟବହାର କରିଛନ୍ତି**

ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ଭାଇ ବିଶାଳ ଦାସଙ୍କ ସମ୍ବଲପୁର ସ୍ଥିତ ହୋଟେଲ ଡି-ଲଞ୍ଜକୁ ବିନା ସର୍ଚ୍ଚ ୱାରେଣ୍ଟରେ ପୁଲିସ ଚଢ଼ଉ କରିଥିବା ଅଭିଯୋଗ ଆଣିଛନ୍ତି ଦୀପାଳି । ଏନେଇ ଆଜି ତାଙ୍କ ସରବାହାଲ ସ୍ଥିତ ବାସଭବନରେ ଏକ ସାମ୍ବାଦିକ ସମ୍ମିଳନୀ କରି ଦୀପାଳି କହିଛନ୍ତି ଯେ, ଲଇକେରା ଥାନାଧିକାରୀ ଦିଲ୍ଲୀପ ବେହେରା କୌଣସି ସର୍ଚ୍ଚ ୱାରେଣ୍ଟ ନ ଥାଇ ୟୁନିଫର୍ମ ପିନ୍ଧି ଗୁଣ୍ଡାମାନଙ୍କ ସହ ଭାଇ ବିଶାଳଙ୍କ ହୋଟେଲ ଡି ଲଞ୍ଜକୁ ଜୋରଜବରଦସ୍ତ ପଶି ଆସିଥିଲେ। ସେଠାରେ ଷ୍ଟାଫ ମାନଙ୍କୁ ଦୁର୍ବ୍ୟବହାର କରିବା ସହ ଡି-ଲଞ୍ଜ ହୋଟେଲ ପଛପଟେ ଥିବା କଲ୍ୟାଣ ମଣ୍ଡପର ସମସ୍ତ ରୁମ ଖୋଲିବା ପାଇଁ ଷ୍ଟାଫମାନଙ୍କୁ ଲଇକେରା ଥାନାଧିକାରୀ ଧମକ ଦେଇଥିଲେ। ଦୁଇବର୍ଷ ତଳେ ଜଣେ ପୁଲିସ କର୍ମଚାରୀ ବାପା ନବ ଦାସଙ୍କୁ ହତ୍ୟାକରିବା ପରେ ଆମେ ସମସ୍ତେ ଡରିକି ଅଛୁ । ଏହାପରେ ପୁଲିସର ଏହିପରି କାର୍ଯ୍ୟକଳାପ ଆମକୁ ଆହୁରି ଭୟଭୀତ କରିବା ସହ ଆମ ସୁରକ୍ଷା ପ୍ରତି ଚିନ୍ତା ବଢ଼ାଉଛି । ସେହିପରି ଆସନ୍ତାକାଲି କିର୍ମିରା ବ୍ଲକ ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଥିବା ଅନାସ୍ଥା ପ୍ରସ୍ତାବ ପାଇଁ ପୁନଃ ନିର୍ବାଚନ ହେବ। ତେଣୁ ଆମକୁ ଏବଂ ପିଆରଆଇ ମେମ୍ବରଙ୍କୁ ଡରାଇବାକୁ ପ୍ରୟାସ କରାଯାଉଛି । ତେଣୁ ସମସ୍ତଙ୍କୁ ଉପଯୁକ୍ତ ସୁରକ୍ଷା ଯୋଗାଯାଉ ବୋଲି କହିଛନ୍ତି ଦୀପାଳୀ ଦାସ । ଅନ୍ୟପଟେ ବିନା ସର୍ଚ୍ଚ ୱାରେଣ୍ଟରେ ପୁଲିସ ପ୍ରାଇଭେଟ ପ୍ରପର୍ଟିକୁ ପଶି ଧମକ ଚମକ କରିଥିବା ନେଇ ଆଜି ସମ୍ବଲପୁର ଆଇଜିଙ୍କ ନିକଟରେ ବିଶାଳ ଦାସ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଛନ୍ତି । ଥାନା ଅଧିକାରୀ ଦିଲ୍ଲୀପ ବେହେରାଙ୍କ କାର୍ଯ୍ୟକଳାପ ସନ୍ଦେହଜନକ ଥିବାବେଳେ ଆମ ପରିବାର ଲୋକଙ୍କ ପ୍ରତି ବିପଦ ଥିବା ଅଭିଯୋଗ କରିଛନ୍ତି ବିଶାଳ । ତେଣୁ ସରକାର ଏବଂ ପୁଲିସ ପ୍ରଶାସନ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ବିଶାଳ ଦାସ ପ୍ରକାଶ କରିଛନ୍ତି ।

# ଜିଲ୍ଲାସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ପାଳିତ



**ଝାରସୁଗୁଡ଼ା, ୯।୧(ସମିସ):** ସମଗ୍ର ଶିକ୍ଷା, ଝାରସୁଗୁଡ଼ା ଆନୁକୂଲ୍ୟରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଜିଲ୍ଲାସ୍ତରୀୟ ପ୍ରବାସୀ ଭାରତୀୟ ଦିବସ-୨୦୨୫ ପାଳିତ ହୋଇଯାଇଛି । ଏହି ଅବସରରେ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ସା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିକଶିତ ଭାରତ ଗଠନରେ ପ୍ରବାସୀ ଭାରତୀୟଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ ।ଏହି ଅବସରରେ ବ୍ଲକ ସ୍ତରରୁ ମନୋନୀତ କୃତୀ ଛାତ୍ରଛତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ ପୋଷ୍ଟର୍ ଉପସ୍ଥାପନା ,କୁଇଜ୍ ଓ ସାଇକଲ ଚାଳନା ଆଦି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଏଥିରେ ଅଷ୍ଟମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୫୦ ଜଣ ବ୍ଲକ କୃତୀ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଅପରାହ୍ନରେ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷା ମମତା ପଧାନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ କୋଲାବିରା ବ୍ଲକ ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ, ବାଳିକା ସଂଯୋଜକ ଜୟନ୍ତ କୁମାର ବାଦୀ, ଡିପିଇଓ ବିମଳ କୁମାର ତାଣ୍ଡି ,ଏବିଇଓ ରବିନ୍ଦ୍ର କୁମାର ସାହୁ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଖୁଲଣା ସୁନ୍ଦରୀ ବେହେରା, ସମଗ୍ର ଶିକ୍ଷା ସଂଯୋଜିକା, ପରିଚାଳନା କରିଥିବା ବେଳେ ସମଗ୍ର ଶିକ୍ଷାର ସମସ୍ତ କର୍ମଚାରୀ, ସମସ୍ତ ସିଆରସିସି ଓ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ଶିକ୍ଷକ ବିପିନ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ ।

# ଆବାସିକ ଶିକ୍ଷଣ ଶିବିର 'ଅମୋଘ' ଉଦ୍‌ଘାଟିତ

**ଦେବଗଡ଼, ୯ ।୧(ସମିସ):** ଦେବଗଡ଼ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଦଶମ ଶ୍ରେଣୀ ମେଧାବୀ ଶିକ୍ଷାର୍ଥୀଙ୍କ ନିମନ୍ତେ ତିନି ଦିନିଆ ଆବାସିକ ଶିକ୍ଷଣ ଶିବିର 'ଅମୋଘ' ସ୍ଥାନୀୟ ଟାଉନ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡ଼ତିଆ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅନିଲ ମିଶ୍ର ଯୋଗ ଦେଇ ୩ପି ମନ୍ତ୍ରପାଠ, ପ୍ରାର୍ଥନା ଓ ପରିଶ୍ରମ କଲେ ଛାତ୍ରଛାତ୍ରୀ ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବେ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂ, ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାଳି ଲାକ୍ରା ପ୍ରମୁଖ ମଞ୍ଚାସୀନ ଥିଲେ। କଣ୍ଢଳ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଜ୍ୟୋତିର୍ମୟୀ ସାହୁ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷିକା ଇପ୍ସିତା ପଟ୍ଟନାୟକ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋକପାତ କରାଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାରମ୍ଭିକ ସ୍ତରରେ ଜିଲ୍ଲା ସରକାରୀ ଉଚ୍ଚ ବିଦ୍ୟାଳୟରୁ ଅର୍ଦ୍ଧ ବାର୍ଷିକ ପରୀକ୍ଷାରେ ୮୦ ଶତକଡାରୁ ଅଧିକ ନମ୍ବର ରଖିଥିବା ୯୧ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଜିଲ୍ଲାସ୍ତରରେ ଦୁଇଟି ପରୀକ୍ଷା କେନ୍ଦ୍ରରେ ମେଧାବୀ ଆଧାରିଭୂତ ପରୀକ୍ଷଣ କରାଯାଇଥିଲା। ତନ୍ମଧ୍ୟରୁ ଶ୍ରେଷ୍ଠ ୫୧ ଜଣ ଜଣଙ୍କୁ ପ୍ରଥମ ପର୍ଯ୍ୟାୟରେ ଆଭାସୀ ମାଧ୍ୟମରେ ଓ ଦ୍ୱିତୀୟ ପର୍ଯ୍ୟାୟରେ ଆବାସିକ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ସେଥିନିମନ୍ତେ ପ୍ରତ୍ୟହ ୬ଟି ବିଷୟ ଆଧାରିତ, ଯୋଗ ଶିକ୍ଷା, ସନ୍ଦେହ ମୋଚନ, ପ୍ରେରଣା ଦାୟୀ ସାଙ୍ଗକୁ ଶିକ୍ଷଣ ସାମଗ୍ରୀ ସହ ଉନ୍ନତ ମାନର ଅଧ୍ୟାପନାର ବ୍ୟବସ୍ଥା କରାଯାଇଛି। ଏଥି ନିମନ୍ତେ ଜିଲ୍ଲାର ବିଭିନ୍ନ ବିଷୟର ୧୭ ଜଣ ଅଭିଜ୍ଞ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି କରାଯାଇଛି। ଏହି ଶିକ୍ଷଣ ବ୍ୟବସ୍ଥା ଦ୍ୱାରା ଆଗାମୀ ଶିକ୍ଷା ବର୍ଷରେ ବୋର୍ଡ ପରୀକ୍ଷାରେ ମେଧାବୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ବିଶେଷ ସହାୟକ ହେବ ବୋଲି ଆଶା କରାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡ଼ତିଆଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି ଶିକ୍ଷଣ ଶିବିରକୁ ପରିଚାଳନା ନିମନ୍ତେ ଜିଲ୍ଲା ବିଜ୍ଞାନ ନିରୀକ୍ଷିକା ଇପ୍ସିତା ପଟ୍ଟନାୟକ, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ବିଭାଗୀୟ ଅଧିକାରୀ ସୌଭାଗ୍ୟ ପ୍ରଧାନ, କାର୍ଯ୍ୟାଳୟ ସହାୟକ ଗୌରହରି ସାହୁଙ୍କ ସହିତ ବିଦ୍ୟାଳୟ ସମସ୍ତ କର୍ମଚାରୀ ପ୍ରମୁଖ ଦାୟିତ୍ୱ ନିର୍ବାହ କରୁଛନ୍ତି।

# ହାତୀ ମୃତଦେହ ଠାବ

**ଦେବଗଡ଼, ୯ ।୧(ସମିସ):** ଦେବଗଡ଼ ବନଖଣ୍ଡ ରିଆମାଳ ବନାଞ୍ଚଳ କୁଣ୍ଢେଇ ଫରେଷ୍ଟ ସେକ୍ସନ ସଂରକ୍ଷିତ ଜଙ୍ଗଲ କଟାସର୍ ମନ୍ଦିର ନିକଟରେ ଏକ ବୟସ୍କ ମାଈ ହାତୀର ମୃତଦେହ ଠାବ ହୋଇଛି। କୁଣ୍ଢେଇଗୋଲା ବନ ବିଭାଗ କର୍ମଚାରୀ ମୃତ ମାଈ ହାତୀକୁ ଠାବ କରିଥିଲେ। ଘଟଣା ସ୍ଥଳରେ ବନ ବିଭାଗ କର୍ମଚାରୀ ଜଗି ରହିଛନ୍ତି। ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସ ବନ ବିଭାଗ ଅଧିକାରୀଙ୍କ ସହ ଘଟଣା ସ୍ଥଳକୁ ଯାଇଛନ୍ତି। ଫରେଷ୍ଟର ତପନ ନାଏକ କହିଛନ୍ତି ଯେ, ଶୁକ୍ରବାର ମୃତ ହାତୀର ବ୍ୟବଚ୍ଛେଦ କରାଯିବ।



# ଜାତୀୟ ଭୋଟର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି

**ଦେବଗଡ଼, ୯ ।୧(ସମିସ):** ଜାନୁଆରୀ ୨୫ ତାରିଖରେ ୧୫ତମ ଜିଲ୍ଲାସ୍ତରୀୟ ଜାତୀୟ ଭୋଟର ଦିବସ ପାଳନ କରାଯିବ। ଏଥି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଦେବଗଡ଼ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜାନୁଆରୀ ୧୬ ତାରିଖ ବକ୍ତୃତା, ପ୍ରବନ୍ଧ ଓ ସ୍ଲୋଗାନ ପ୍ରତିଯୋଗିତା ଆୟୋଜନ କରାଯିବା ପାଇଁ ସ୍ଥିର କରାଯାଇଛି। ଜାନୁଆରୀ ୨୫ ତାରିଖ ସକାଳ ୮ଟାରେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବ। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପହଞ୍ଚିବା ପରେ ଏକ ସାଧାରଣ ସଭାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ବୈଠକରେ ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ଇଲେକ୍ସନ ମମତାଜ ମହାରଣା, ଡେପୁଟି କଲେକ୍ଟର ଲକ୍ଷ୍ମଣ ଅମାତ, ତିଳେଇବଣି ଗୋଷ୍ଠି ଉନ୍ନୟନ ଅଧିକାରୀ ସୂର୍ଯ୍ୟକାନ୍ତ ବରିହା, ରିଆମାଳ ବିଡିଓ ଉଗ୍ରେସନ ଓରାମ, ସହକାରୀ ଜିଲ୍ଲାପାଳ ସୁଶ୍ରୀ ରେଖା ମହନ୍ତ, ଆଦର୍ଶ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ ମହାରଣା, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଧୀରେନ୍ଦ୍ର ନାଗ, ଦେବଗଡ଼ ମହାବିଦ୍ୟାଳୟ ଅଧ୍ୟକ୍ଷ ବିକ୍ରମ କେଶରୀ ନାଏକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ନିର୍ବାଚନ କାର୍ଯ୍ୟାଳୟର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାମଚରିତ ମାନସ ଓ ଜ୍ଞାନଯଜ୍ଞ ଉଦ୍‌ଯାପିତ

**ବ୍ରଜରାଜନଗର, ୯।୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଲୋଇସିଙ୍ଗ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଠରକଶପୁର ଗ୍ରାମ ସ୍ଥିତ ଶ୍ରୀ ଲିଙ୍ଗେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ତିନିଦିନ ଧରି ଅନୁଷ୍ଠିତ ହେଉଥିବା ପଞ୍ଚମ ରୁଦ୍ର ମହାଯଜ୍ଞ, ତତ୍ତ୍ୱ ରାମଚରିତ ମାନସ ଜ୍ଞାନଯଜ୍ଞ ଉଦଯାପିତ ହୋଇଯାଇଛି। ମଙ୍ଗଳବାର ୧୫୧ କଳସ ଯାତ୍ରା କରାଯାଇ ଯଜ୍ଞ ଆରମ୍ଭ କରାଯାଇଥିଲା। ପ୍ରତିଦିନ ଅପରାହ୍ନ ପଞ୍ଚଟାରୁ ସତସଙ୍ଗ ରାମକଥା ଓ ରାତ୍ରି ୮ ଟା ରେ ପ୍ରସାଦ ବଣ୍ଟନ କରାଯାଇଥିଲା। ଏହି ପଞ୍ଚମତମ ରୁଦ୍ର (ଶିବ) ମହାଯଜ୍ଞ, ତତ୍‌ବଶ୍ରୀ ରାମଚରିତ୍ର ମାନସ କଥା ଜ୍ଞାନଯଜ୍ଞରେ ଠରକଶପୁର ସ୍ଥିତ ଲିଙ୍ଗେଶ୍ୱର ମହାଦେବ ମନ୍ଦିର ଜନାରଣ୍ୟ ହୋଇଉଠିଥିଲା। ଏହି ମହାଯଜ୍ଞରେ କର୍ତ୍ତା ଭାବରେ ଗୌରାଙ୍ଗ ପ୍ରଧାନ ଦାୟିତ୍ୱ ସମ୍ପାଦନ କରୁଥିବା ବେଳେ ମନ୍ଦିର ପୂଜକ ନବୀନ ମହାପାତ୍ର ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଶିବ ତଥା ଶ୍ରୀରାମ କୃପା ପରିଷଦ ଠରକଶପୁର ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ କାକଟପୁରରୁ ଆସିଥିବା କଥାବାଚକ ପଣ୍ଡିତ ମାନସହଂସ ପ୍ରଶାନ୍ତ ମିଶ୍ରଙ୍କ ଦ୍ୱାରା ପ୍ରତେକ ଦିନ ସତସଙ୍ଗ ଶ୍ରୀରାମ କଥାମୃତ ପ୍ରବଚନ ପ୍ରଦାନ କରାଯାଇଥିଲା। ପ୍ରତିଦିନ ଭକ୍ତମାନଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା।

# ଟିଆରଏଲ୍ କ୍ରୋସାକି ଫୁଟବଲ କପ୍ ଫାଇନାଲ୍‌ରେ ସୁନାବେଡ଼ା



**ଝାରସୁଗୁଡ଼ା, ୯।୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଗୁମାଡେରା ସ୍ଥିତ ଟିଆରଏଲ ଷ୍ଟାଡିୟମରେ ଚାଲିଥିବା ନ୍ୟାସନାଲ ଲେଭେଲ ଟିଆରଏଲ କ୍ରୋସାକି କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପହଞ୍ଚିଛି ସୁନାବେଡ଼ା ଦଳ । ଗୁରୁବାର ତାମିଲନାଡୁ ପୁଲିସ ଚେନ୍ନାଇ ଏବଂ ସାଇ ହାଲ ସୁନାବେଡ଼ା ଦଳ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ ମଧ୍ୟରେ ନିର୍ଦ୍ଧାରିତ ସମୟରେ ୨-୨ ଗୋଲରେ ମ୍ୟାଚ ଡ୍ର ହେବାରୁ ପେନାଲ୍ଟି ସୁଟ ଆଉଟ ଅନୁଷ୍ଠିତ ହୋଇଥିଲା। ପେନାଲ୍ଟି ସୁଟଆଉଟରେ ସାଇ ହାଲ ସୁନାବେଡା ଦଳ ୩-୨ ଗୋଲରେ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି । ଆସନ୍ତାକାଲି ଅମିତ ବ୍ରଦର୍ସ ଏଫସି ରାଞ୍ଚି ଏବଂ ଜଗା ୟୁନାଇଟେଡ ଏଫସି ଭୁବନେଶ୍ୱର ମଧ୍ୟରୁ ଯେଉଁ ଦଳ ବିଜୟୀ ହେବ, ସେମି ଫାଇନାଲରେ ସାଇ ହାଲ ସୁନାବେଡ଼ା ଦଳକୁ ଭେଟିବ । ଆଗାମୀ ୧୨ ତାରିଖ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବା ସହ ପ୍ରତିଯୋଗିତା ଉଦଯାପିତ ହେବ । ଏହି ପ୍ରତିଯୋଗିତାରେ ନେପାଳ, ପଶ୍ଚିମବଙ୍ଗ, ରାଞ୍ଚି, ତାମିଲନାଡୁ, ଭୁବନେଶ୍ୱର, ଝାରସୁଗୁଡ଼ା, ବରଗଡ଼, ସୁନାବେଡ଼ାରୁ ୮ ଟି ଦଳ ଅଂଶଗ୍ରହଣ କରିଛନ୍ତି ।

# ପ୍ରଧାନମନ୍ତ୍ରୀ ଫସଲ ବୀମା ତୃତୀୟ ଅଧିବେଶନ ବୈଠକ

**ଦେବଗଡ଼, ୯ ।୧(ସମିସ):** ଦେବଗଡ଼ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀ ଫସଲ ବୀମା ତୃତୀୟ ଅଧିବେଶନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାରେ ସମୁଦାୟ ୭୦ଟି ପଞ୍ଚାୟତ ଓ ଗୋଟିଏ ପୌରପରିଷଦରେ ଖରିଫ ଋତୁରେ ହୋଇଥିବା ଧାନ ଫସଲର ୨୮୪ଟି ଶସ୍ୟ କାଟ ଉପରେ ରାଜସ୍ୱ ବିଭାଗ, ପରିସଂଖ୍ୟାନ ବିଭାଗ ଓ କୃଷି ବିଭାଗ ମିଳିତ ଭାବରେ କରାଯାଇଛି। ଏହି ଶସ୍ୟ କାଟକୁ ମଞ୍ଜୁର କରାଯାଇ ରାଜ୍ୟ ସରକାରଙ୍କୁ ନିକଟକୁ ପ୍ରେରଣ କରାଯିବା ପାଇଁ ସ୍ଥିର କରାଯାଇଛି। କ୍ଷୟକ୍ଷତି ହୋଇଥିବା ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ। ବୈଠକରେ କୃଷି ଅଧିକାରୀ ଧବଳେଶ୍ୱର ପ୍ରଧାନ, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଅନ୍ତର୍ଯ୍ୟାମୀ ସାହୁ, ଜିଲ୍ଲା ସମବାୟ ସମିତି ଅଧିକାରିଣୀ ମନିକା ରାୟ, ବରିଷ୍ଠ ସହକାରୀ ରେଜିଷ୍ଟର ଭବାନୀ କାନ୍ତ ନାଏକ, ଉପ ନିର୍ଦ୍ଦେଶକ ଯୋଜନା ଅଧିକାରୀ ରାମ ସେବକ ପ୍ରଧାନ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ହେମନ୍ତ ସିଂ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଲିଡ୍ ବ୍ୟାଙ୍କ, ସମ୍ବଲପୁର ସମବାୟ ବ୍ୟାଙ୍କର ଅଧିକାରୀ ପ୍ରମୁଖ ଉପସ୍ଥିତି ଥିଲେ।

## ବନ୍ଧବାହାଲ ଧନୁଯାତ୍ରାର ତୃତୀୟ ଦିବସ

# ପୂତନା ବିନାଶ ଖବର ପାଇ କଂସ ବିଚଳିତ

ଇବଥର୍ମାଲ, ୯।୧(ସମିସ)



ରଙ୍ଗାରଙ୍ଗ ପରିବେଶ ସହ ଶୀତୁଆ ସନ୍ଧ୍ୟାରେ ଜମୁଛି ପ୍ରସିଦ୍ଧ ବନ୍ଧବାହାଲ ଧନୁଯାତ୍ରା। ସମଗ୍ର ଅଞ୍ଚଳ ଏବେ ଦ୍ୱାପର ଯୁଗରେ ଥିବା ଭଳି ଅନୁଭବ ହେଉଥିବା ବେଳେ ମଧ୍ୟ ରାତ୍ରରେ ଲୀଳାମୟ ଶ୍ରୀକୃଷ୍ଣଙ୍କ ଜନ୍ମ ସହ ଧରାବତରଣ, ବସୁଦେବ, ଉଗ୍ରସେନ ,ଜମୁନା ନଈକୁ ଛାଡ଼ିଦେଲେ ଆଉ କାହାକୁ ଜଣାନାହିଁ ଯେ, ଜଗତକର୍ତ୍ତା କୃଷ୍ଣଙ୍କ ଜନ୍ମ ମଥୁରା କାରାଗାରରେ ହୋଇଛି। ମାତ୍ର ତୃତୀୟ ଦିବସର ନୂତନ ସୂର୍ଯ୍ୟୋଦୟ ପରେ ନନ୍ଦ ଯୋଶୋଦା କୃଷ୍ଣଙ୍କୁ ପାଇଥିବାରୁ ସମଗ୍ର ଗୋପପୁର (ବନ୍ଧବାହାଲ ବସ୍ତି)ଆନନ୍ଦ ଉଲ୍ଲାସରେ ପାଳନ କରିଛନ୍ତି କୃଷ୍ଣଜନ୍ମ ସହ ନନ୍ଦୋତ୍ସବ। ସମସ୍ତ କାର୍ଯ୍ୟ ଗୋପପୁର ଯଜ୍ଞ ମଣ୍ଡପରେ କରାଯାଇଛି। ରୀତିନୀତି ଅନୁସାରେ ପୂଜାପାଠ ,ପୁରାଣଗାନ କରାଯାଇଥିବା ବେଳେ ଅପରାହ୍ନରେ ଗୋପ ମହିଳାଙ୍କ ଦ୍ୱାରା କୃଷ୍ଣଙ୍କୁ ଖିରପାନ କରାଇବା, କୃଷ୍ଣ ବଳରାମ ଗୋପୀ ମେଳରେ ଦୋଳିରେ ଝୁଲିବା ଦୃଶ୍ୟ ସମସ୍ତଙ୍କୁ ବାନ୍ଧି ରଖିଥିଲା। ଏହି ଅବସରେ କୃଷ୍ଣଙ୍କୁ ମାରିବା ଲାଗି ମହାରାଜ କଂସ ଦ୍ୱାରା ପ୍ରେରିତ ମାୟାବିନୀ ପୂତନା ଗୋପରେ ପହଞ୍ଚି ମିଠାମିଠା କଥାରେ ନନ୍ଦ ଯୋଶୋଦାଙ୍କୁ ବଶିଭୂତ କରି କୃଷ୍ଣଙ୍କୁ ସ୍ତନ୍ୟପାନ କରାଇ ମାରିବାର କୂଟ ଚକ୍ରାନ୍ତ କରିଛି । ହେଲେ ହୀନ ଉଦ୍ୟମର ବିପରୀତ ପରିଣାମ ସ୍ୱରୂପ ଭଗବାନ ଖିର ପାନ କରିବା ସହ ପୁତନାକୁ ବିନାଶ କରିବା ଦୃଶ୍ୟ ଆଜି ଗୋପରେ ହଜାର ହଜାର ଦର୍ଶକ ଉପଭୋଗ କରିଛନ୍ତି।

ମଥୁରାନଗରୀରେ କଂସ ମହାରାଜ ରାଜମହଲରୁ ବାହାରି ବାବା ଭୋଳେନାଥଙ୍କ। ଦର୍ଶନ କରିବା ପରେ ନଗର ଭ୍ରମଣ କରିଛନ୍ତି। ବିଜୁଳି କନ୍ୟାର ଦୈବବାଣୀ ଶୁଣି ମହାରଜ କଂସ ବିବ୍ରତ ହୋଇଥିଲେ ହେଁ ନୃତ୍ୟଗୀତରେ ମହାରାଜ ଦରବାରରେ ମନ ପରିବର୍ତ୍ତନ କରିବାର ପ୍ରୟାସ କଲାବେଳକୁ ଗୁପ୍ତଚର ମାଧ୍ୟମରେ ପୂତନା ବଧ ଖବର ପାଇ ବିବ୍ରତ ଓ ଉତ୍ତେଜିତ ହୋଇପଡ଼ିଛନ୍ତି। କୃଷ୍ଣଙ୍କୁ କଳେବଳେ କୌଶଳେ ମାରିବାର ଯୋଜନା କରିଛନ୍ତି। ଯୋଜନାରେ ପାତ୍ରମନ୍ତ୍ରୀଙ୍କ ସହ ଆଲୋଚନା କରି ଷଡ଼ମଲ୍ଲଙ୍କୁ ଡକାଇ ଗୋପକୁ ପ୍ରେରଣ କରିଛନ୍ତି । ଷଡ଼ମଲ୍ଲଙ୍କ ମଧ୍ୟରେ ଅନ୍ୟତମ ବକାସୁର ଆକାଶ ମାର୍ଗରେ ଉଡ଼ି ରାଜଦରବାରରେ ପହଞ୍ଚିବା ଦୃଶ୍ୟ ଦର୍ଶକଙ୍କୁ ଆକାଶତଳେ ବାନ୍ଧି ରଖିଥିଲା । ମହାରାଜ ତଥା ଦର୍ଶକଙ୍କ ମନୋରଞ୍ଜନ ସକାଶେ ବିଭିନ୍ନ ଜିଲ୍ଲାର ସାଂସ୍କୃତିକ ଦଳ ନୃତ୍ୟ ପରିବେଷଣ କରାଯାଇଥିଲା। ଆଜି ରାଜ ଅତିଥି ଭାବେ ଟିଆରଏଲ୍ କ୍ରୋସେକି ଏକଜିକ୍ୟୁଟିଭ୍ ଭି ପି ସହଧର୍ମିଣୀ ଶ୍ରୀମତୀ ଦାଶ ସହ ଆସିଥିବା ବେଳେ ଅନ୍ୟ ରାଜଅତିଥି ଓପିଜିସି ଏଚ୍‌ଆର୍ ମୁଖ୍ୟ ରତିକାନ୍ତ ଦାଶ ,ବନ୍ଧବାହାଲ ସମିତି ସଭ୍ୟା ପଦ୍ମିନୀ ସିଂହ, ନବଲ ଅଗ୍ରଓ୍ୱାଲ ଯୋଗ ଦେଇଥିଲେ । କମିଟିର ବରିଷ୍ଠ ସଦସ୍ୟ ବିଜୟ କୁମାର ପତି ସଭାପତିତ୍ୱ କରିଥିବା ବେଳେ ଉମାକାନ୍ତ ପଣ୍ଡା ମଞ୍ଚ ସଞ୍ଚାଳନ କରିଥିଲେ । କମିଟି ସଦସ୍ୟ କୃଷ୍ଣଚନ୍ଦ୍ର ସିଂହ, ଦୁବରାଜ ପ୍ରଧାନ , ବିରଞ୍ଚି ନାରାୟଣ ପ୍ରଧାନ , ନବୀନ ବୁଧିଆ ପ୍ରମୁଖ ସହଯୋଗ କରିଥିଲେ।

# ତ୍ରିଦିବସୀୟ ବାଜି ରାଉତ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ; କଂସର ଚାମ୍ପିଅନ



**ଦେବଗଡ଼, ୯ ।୧(ସମିସ):** ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ସାଂସଦ କ୍ରୀଡା ମହୋତ୍ସବ ଅଧୀନ ଆମେ ଓଡିଆ ଏବଂ ବିକାଶ ଫାଉଣ୍ଡେସନ ଆନୁକୂଲ୍ୟରେ ଅନୁଷ୍ଠିତ ତ୍ରିଦିବସୀୟ ବାଜିରାଉତ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଦେବଗଡ଼ ଜିଲ୍ଲାର ସମସ୍ତ ୩ ବ୍ଲକରୁ ୨୪ଟି ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥଲେ। ଫାଇନାଲ ମ୍ୟାଚରେ ମସିନ୍ତା ଦଳକୁ ଟାଇବ୍ରେକର ଜରିଆରେ ପରାସ୍ତ କରି କଂସର ଦଳ ଚାମ୍ପିଅନ ହୋଇଛି। ସନ୍ଧ୍ୟାରେ ଇଂ ସୁଜିତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଅନିଲ ମିଶ୍ର ଏବଂ ସମ୍ମାନୀତ ଅତିଥି ଭାବେ ବନଖଣ୍ଡ ଅଧିକାରୀ ମଗର ଧାନାଜି ରାଓସୋ, ଜିଲ୍ଲା କ୍ରୀଡା ଅଧିକାରୀ ଈଶ୍ୱର ଗୁରୁ, ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ଧିରେନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସତ୍ୟନାରାୟଣ ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

# ଧନୁଯାତ୍ରା ସମୟରେ ପର୍ଯ୍ୟାପ୍ତ ସେବା ଯୋଗାଇପାରୁନି ଏସ୍‌ବିଆଇ

ବରଗଡ଼, ୯ ।୧(ସମିସ)



ଚାଲିଛି ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା। ଲକ୍ଷ ଲକ୍ଷ ଲୋକଙ୍କ ଗହଳଚହଳରେ ଫାଟିପଡୁଛି ରାଜରାସ୍ତା। ପ୍ରଶାସନ ପକ୍ଷରୁ ଲୋକଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଯାଇଥିବା ବେଳେ ଏସବିଆଇ ସେବା ସମସ୍ତଙ୍କୁ କଷ୍ଟ ଦେଉଛି। ବରଗଡ଼ ଜିଲ୍ଲାରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ସମୁଦାୟ ୯୦ ଟି ଏଟିଏମ୍ ଅଛି। ତନ୍ମଧ୍ୟରୁ ବରଗଡ଼ ସହରରେ କେବଳ ୨୭ଟି ଏଟିଏମ୍ ରହିଛି। କିନ୍ତୁ ଜନସାଧାରଣ ଏହାର କାର୍ଯ୍ୟକାରିତାକୁ ନେଇ ଅସନ୍ତୁଷ୍ଟ ଅଛନ୍ତି। ଅନେକ ଏଟିଏମରେ ଟଙ୍କା ବାହାରୁନାହିଁ, ପୁଣି ଆଉ କେତେକ ଏଟିଏମରେ ଏସି ଚାଲୁନାହିଁ। ଏବେ ଧନୁଯାତ୍ରା ସମୟରେ ବରଗଡ଼ରେ ଲକ୍ଷାଧିକ ଲୋକଙ୍କ ସମାଗମ ହେଉଥିବା ବେଳେ ଏସବିଆଇ ବ୍ୟାଙ୍କ କର୍ତ୍ତୃପକ୍ଷ ଏହା ଉପରେ ଧ୍ୟାନ ନ ଦେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ଏ ବିଷୟରେ ସମସ୍ତ ତଥ୍ୟ ସଂଗ୍ରହ କରିବାକୁ ବରଗଡ଼ 'ସକାଳ' ଜିଲ୍ଲା ପ୍ରତିନିଧି ସରୋଜ କୁମାର ଷଡ଼ଙ୍ଗୀ ବରଗଡ଼ର ଆଞ୍ଚଳିକ ପ୍ରବନ୍ଧକ ମଧୁସୂଦନ ରଥଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ପଚାରି ବୁଝିଥିଲେ। ଶ୍ରୀ ରଥ ଜଣାଇଥିଲେ ଯେ, ବ୍ୟାଙ୍କ ଏଟିଏମ୍ ରେ ଟଙ୍କା ଭରିବା ପାଇଁ ଦୁଇଟି ସଂସ୍ଥା ଦାୟିତ୍ୱ ଦେଇଛନ୍ତି; ତନ୍ମଧ୍ୟରୁ ଗୋଟିଏ ସଂସ୍ଥାର ଷ୍ଟାଫମାନେ ଧର୍ମଘଟକୁ ଓହ୍ଲାଇଥିବାରୁ ଏଟିଏମ୍ ଗୁଡ଼ିକ ଏବେ ଅଚଳ ଅବସ୍ଥାରେ ଅଛି। ଏବେ ବ୍ୟାଙ୍କ ଏହି ସଂସ୍ଥା ସହିତ ହୋଇଥିବା ରାଜିନାମାକୁ ରଦ୍ଦକରି ପୁଣିଥରେ ଟେଣ୍ଡର ଆହ୍ୱାନ କରିବା ପାଇଁ ପଦକ୍ଷେପ ନେଉଛି। ତେବେ ସେତେଦିନ ପର୍ଯ୍ୟନ୍ତ ଜନସାଧାରଣ ସହଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି। ଦ୍ୱିତୀୟରେ, ଅନେକ ଏଟିଏମ୍ ରେ ଏସି ଚାଲୁନାହିଁ। ତେଣୁ,

**ଠିକା ସଂସ୍ଥାଙ୍କ ଧର୍ମଘଟ ଯୋଗୁଁ ସମସ୍ୟା ବଢୁଛି**

**ଆଞ୍ଚଳିକ ପ୍ରବନ୍ଧକ ଅଧିକାରୀ ଦେଲେ ଆଶ୍ୱାସନା**

ଲୋକେ ବିଶେଷ କରି ଗ୍ରୀଷ୍ମଦିନେ ଝାଳନାଳ ହୋଇ ଏଟିଏମ୍ ରୁ ବାହାରିଥାନ୍ତି। ଲୋକଙ୍କ ପ୍ରଶ୍ନ ହେଉଛି, ବ୍ୟାଙ୍କ ଏଟିଏମ୍ ସେବା ପାଇଁ ଗ୍ରାହକମାନଙ୍କଠାରୁ ବର୍ଷେ ପୂରିଲା କ୍ଷଣି ଆକାଉଣ୍ଟରୁ ଚାର୍ଜ କାଟୁଛି; କିନ୍ତୁ ତଦନୁଯାୟୀ ସେବା ଯୋଗାଯାଉନାହିଁ। ଏସି ଏକ ମେସିନ, କେତେବେଳେ ସମସ୍ୟା ଦେଖାଯାଇପାରେ। କିନ୍ତୁ, ମାସମାସ ବନ୍ଦ ରହିବାର ଯଥାର୍ଥତା ବୁଝାପଡୁନି ବୋଲି ଲୋକେ କହୁଛନ୍ତି। ପ୍ରଶ୍ନର ଉତ୍ତରରେ ଶ୍ରୀ ଦାଶ କହିଥିଲେ, ଏହାକୁ ମଧ୍ୟ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ସେମାନେ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରୁନାହାନ୍ତି। କେତୋଟି ଏସି ପରିବର୍ତ୍ତନ କରାଯିବ। ଯାହା ବି ହେଉ, ଘରୋଇ ସଂସ୍ଥାମାନେ ବ୍ୟାଙ୍କରୁ କୋଟିକୋଟି ଟଙ୍କା ନେଇ ସେବା ନାମରେ ଗ୍ରାହକଙ୍କୁ ଭୁଆଁ ବୁଲାଉଛନ୍ତି। ଉକ୍ତ ସଂସ୍ଥାଙ୍କୁ ବ୍ୟାଙ୍କ କଳା ତାଲିକାଭୁକ୍ତ କରିବା ଉଚିତ। ଅବଶ୍ୟ, କେତେକ ବିଷୟରେ ଉପର ଲେଭେଲରେ ନିଷ୍ପତ୍ତି ନିଆହେଉଥିବାରୁ ଏହି ସବୁ ସମସ୍ୟା ସୃଷ୍ଟି ହେଉଛି। ଆଞ୍ଚଳିକ ପ୍ରବନ୍ଧକ ଏହି ସବୁ ସମସ୍ୟା ଶୀଘ୍ର ଦୂର କରିବାକୁ ପ୍ରୟାସ କରିବେ ତଥା ଏସି ଫେବୃୟାରୀ ଶେଷ ସୁଦ୍ଧା ଚଳାଇବେ ବୋଲି ଆଶା କରାଯାଉଛି। ଏହାଛଡ଼ା କ୍ରମବର୍ଦ୍ଧିଷ୍ଣୁ ବରଗଡ଼ ସହରର ମୁଖ୍ୟସ୍ଥାନ ଦେଖି ଆହୁରି ୨/୩ ଟି ଏଟିଏମ୍ ବସାଇବେ ବୋଲି ଲୋକଙ୍କ ବିଶ୍ୱାସ।

## ବାଇକ୍‌କୁ ଧକ୍କାଦେଲା ଟ୍ରକ୍ ; ୨ ମୃତ

**ବରଗଡ଼,୯ । ୧(ସମିସ):** ଟ୍ରକ ଧକ୍କାରେ ଚାଲିଗଲା ଦୁଇ ଯୁବକଙ୍କ ଜୀବନ। ମୃତ ଯୁବକ ଦୁଇଜଣ ହେଲେ ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ମିତ୍ରଭାନୁ ଗୁଆଲ(୨୨) ଓ ଜିତୁ ଛତର(୨୪)। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉଭୟଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଉଭୟ ଯୁବକ ବୁର୍ଲା ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣେ ରୋଗୀଙ୍କୁ ଦେଖିବାକୁ ଏକ ବାଇକରେ ଯାଇଥିଲେ ଏବଂ ରାତିରେ ବୁର୍ଲାରୁ ନିଜ ଗ୍ରାମକୁ ଫେରିବା ସମୟରେ ବରଗଡ଼ ବରାହଗୋଡ଼ା ଟୋଲ ଗେଟ୍ ନିକଟରେ ୟୁପି ୫୧ ବି ଟି ୯୭୫୫ ନମ୍ବର ବିଶିଷ୍ଟ ଏକ ଟ୍ରକ୍ ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଉଭୟ ଯୁବକଙ୍କ ମୃତ୍ୟୁବରଣ ହୋଇଥିଲା। ଘଟଣାସ୍ଥଳକୁ ବରଗଡ଼ ଗ୍ରାମାଞ୍ଚଳ ପୁଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଉକ୍ତ ଟ୍ରକଟିକୁ ଜବତ କରିବା ସହ ଟ୍ରକ ଡ୍ରାଇଭରକୁ ଗିରଫ କରିଛି। ମୃତ ଯୁବକ ଦୁଇଜଣ ଅତ୍ୟନ୍ତ ଗରିବ ପରିବାରରୁ ହୋଇଥିବା ଖବର ପ୍ରକାଶ ପାଇବା ପରେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋଏଲଙ୍କ ନିର୍ଦ୍ଦେଶ କ୍ରମେ ଆସିଷ୍ଟାଣ୍ଟ କଲେକ୍ଟର ମଦନ ପଣ୍ଡା ତୁରନ୍ତ ମୁଖ୍ୟ ଚିକିତ୍ସାଳୟକୁ ଯାଇ ତାଙ୍କର ଅନ୍ତେଷ୍ଟି କ୍ରିୟା ପାଇଁ ଜିଲ୍ଲା ରେଡକ୍ରସ୍ ପାଣ୍ଠିରୁ ୨୦ ହଜାର ଟଙ୍କା ଲେଖାଏଁ ସରକାରୀ ସହାୟତା ଯୋଗାଇ ଦେଇଛନ୍ତି।

## ବାଲ୍ ଧନୁଯାତ୍ରା ମହୋତ୍ସବର ଶୁଭାରମ୍ଭ

**ବରଗଡ଼,୯ । ୧(ସମିସ):** ଚଳିତ ବର୍ଷ ପ୍ରଥମ କରି ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ବାଲ ଧନୁଯାତ୍ରା ଆରମ୍ଭ ହୋଇଛି। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସ୍କୁଲର ୩୦ ଜଣ ଛାତ୍ରୀଙ୍କୁ ନେଇ ମାତ୍ର ଅଳ୍ପଦିନର ରିହେଲସଲରେ ଆଜି ଜୋରଦାର ଆରମ୍ଭ ହୋଇଛି। ସମସ୍ତ ଛାତ୍ରୀଙ୍କ ନିଖୁଣ ଅଭିନୟ ଦେଖିବାକୁ ମିଳିଥିଲା। ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଏହାର ଶୁଭାରମ୍ଭ କରିଥିଲେ। ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ବରଗଡ଼ ବ୍ଲକ୍ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ସାହୁ, ଜର୍ଜ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ, ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା, ବରିଷ୍ଠ ଅଧିକାରୀ ତାହିର ହୁସେନ, ରାମଚନ୍ଦ୍ର ସାହୁ, ଗଜେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବାଲ ଧନୁଯାତ୍ରାଙ୍କୁ ନିର୍ଦ୍ଦେଶନା ଦେଇଛନ୍ତି ନକୁଳ ବାଦି, ତୁଳାରାମ ମହାନନ୍ଦ, ଗୋପାଳ ପ୍ରସାଦ ମିଶ୍ର, ଶଙ୍କର ପଟ୍ଟନାୟକ ପ୍ରମୁଖ। ଏହି ଉପଲକ୍ଷେ ସ୍କୁଲ ଛାତ୍ରଛାତ୍ରୀମାନେ ଫୁଡ୍ ଫେଷ୍ଟିଭାଲର ଆୟୋଜନ କରିଥିଲେ। ରେନବୋ ପବ୍ଲିକ ସ୍କୁଲ, ବିକାଶ ଫାସଷ୍ଟେପ, ଜର୍ଜ ହାଇସ୍କୁଲ, ବେଥାନି ପବ୍ଲିକ ସ୍କୁଲ, ସରକାରୀ ୟୁପି ସ୍କୁଲ ଖଜୁରଟିକ୍ରାର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ତିନିଦିନ ଧରି ଏହି ବାଲ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ କହିଛନ୍ତି।



## ତୁଲଣ୍ଡି ଉଚ୍ଚ ପ୍ରାଥମିକ ସ୍କୁଲରେ ବାର୍ଷିକ କ୍ରୀଡ଼ା

**ବରପାଲି, ୯ ।୧ (ସମିସ):** ବରପାଲି ବ୍ଲକ ତୁଲଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡ଼ା ଉଦଯାପିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଚିତ୍ତରଞ୍ଜନ ନାଏକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା କରାଯାଇଥିଲା। ଶିକ୍ଷକ ଶୁକଦେବ ପାତ୍ର ଓ ସୁଜିତ ପଟେଲ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଅପରାହ୍ନରେ ପ୍ରଧାନଶିକ୍ଷକ ମହେନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଉଦଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ତୁଲଣ୍ଡି ସରପଞ୍ଚ ମାନସ ରଞ୍ଜନ ବଡ଼ାଇ ମୁଖ୍ୟଅତିଥି, ବରପାଲି ଗୋଷ୍ଠୀ ଶିକ୍ଷାଧିକାରୀ ମୁକୁନ୍ଦ ମହରା ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ। ଜୁନିଅର ବାଳକ ବିଭାଗରେ ପ୍ରିୟାଂଶୁ ଭୋଇ, ଜୁନିଅର ବାଳିକା ବିଭାଗରେ ସୁରଭି ବେହେରା, ସିନିଅର ବାଳକ ବିଭାଗରେ ଅଙ୍କୁଶ ନାଏକ ଏବଂ ସିନିଅର ବାଳିକା ବିଭାଗରେ ମନୀଷା ସାହୁ ଚାମ୍ପିଅନ ହୋଇଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଆନ୍ତଃଜିଲ୍ଲା ସ୍ତରୀୟ ଯୁବ ନେତୃତ୍ୱ ବିକାଶ ତାଲିମ ଶିବିର ଉଦଯାପିତ

**ବରଗଡ଼,୯ । ୧(ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ପଞ୍ଚାୟତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ତରଫରୁ ଚାଲିଥିବା ତିନିଦିନିଆ ଯୁବନେତୃତ୍ୱ ବିକାଶ ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ବରଗଡ଼ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ପ୍ରଫେସର ବବିତା ଷଡ଼ଙ୍ଗୀ, ମୁଖ୍ୟ ବକ୍ତାଭାବେ ପ୍ରାକ୍ତନ ପ୍ରଫେସର ତଥା ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର କ୍ୟାପଟେନ୍ ପ୍ରଫେସର ଡକ୍ଟର ପାଣ୍ଡବ ବେହେରା ଓ ସମ୍ମାନିତ ଅତିଥି ଭାବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଡକ୍ଟର ବିରେନ୍ଦ୍ର ବେହେରା ଏବଂ ବିରେଣ୍ୟ ଅତିଥି ଭାବରେ ମହାବିଦ୍ୟାଳୟ ପ୍ରଶାସନିକ ମୁଖ୍ୟ ପ୍ରଫେସର ଡକ୍ଟର ଉମେଶ ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ । ଅଧ୍ୟକ୍ଷ ପ୍ରଫେସର ଡକ୍ଟର ନକୁଳ ସେଠ୍ ସଭାରେ ଅଧ୍ୟକ୍ଷତା କରି ଜାତୀୟ ସେବା ଯୋଜନା ବିଷୟରେ ସମ୍ୟକ୍ ସୂଚନା ପ୍ରଦାନ କରିବା ସହ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ସହକାରୀ ପ୍ରଫେସର ସସ୍ମିତା ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲାବେଳେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ସହକାରୀ ପ୍ରଫେସର ବିଜୟ ନାଗ ଓ ହୃଦାନନ୍ଦ ଭୁଏ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଓ କୃତୀ ସ୍ୱେଚ୍ଛାସେବୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ଦହିତା ମଣ୍ଡଳ ସଭାପତି ଭାବେ ଜନକ ସାହୁ ମନୋନୀତ

**ଦହିତା, ୯ ।୧ (ସମିସ):** ରାଜ୍ୟ ବିଜେପି ପକ୍ଷରୁ ପଦ୍ମପୁର ନିର୍ବାଚନ ମଣ୍ଡଳୀର ଦହିତା ବିଜେପି ମଣ୍ଡଳ ସଭାପତି ରୂପେ ଜନକ ସାହୁଙ୍କୁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଓ ଗୋବର୍ଦ୍ଧନ ଭୁଏଙ୍କ ଅନୁମୋଦନ କ୍ରମେ ଦହିତା ମଣ୍ଡଳ ସଭାପତି ରୂପେ ମନୋନୀତ କରାଯାଇଛି। ଜନକ ସାହୁ ପୂର୍ବରୁ ବିଜେପି କାର୍ଯ୍ୟକର୍ତ୍ତା ରୂପେ ଦହିତା ଅଞ୍ଚଳର ଜନସାଧାରଣଙ୍କ ପ୍ରିୟଭାଜନ ହୋଇଥିଲେ। ବିଜେପିର ବରିଷ୍ଠ ନେତା ଗୋବର୍ଦ୍ଧନ ଭୁଏ ଦହିତା ମଣ୍ଡଳ ସଭାପତି ଜନକ ସାହୁଙ୍କୁ ମନୋନୀତ କରିଥିଲେ।

## ଅସୁସ୍ଥ ବୁଲା କୁକୁରକୁ ଉଦ୍ଧାର କଲେ ପ୍ରକୃତିପ୍ରେମୀ

**ପାଇକମାଲ, ୯ ।୧ (ସମିସ) :** ପାଇକମାଲ ବ୍ଲକ୍ ଫେଜରପୁର ଗ୍ରାମରେ ଥିବା ଓଡ଼ିଶା ଆର୍ଦଶ ବିଦ୍ୟାଳୟ ସମ୍ମୁଖରେ ଗତ କିଛିଦିନ ହେଲା ଗୋଟିଏ ବୁଲା କୁକୁରର ଡାହଣ ଗୋଡ଼ରେ ତାର ଗୁଡାଇ ହୋଇ ଛିଡ଼ିବା ଅବସ୍ଥାରେ ଥିଲା। ଚାଲି ପାରୁ ନଥିବା ବେଳେ ମୃତ୍ୟୁ ସହ ସଂଗ୍ରାମ କରୁଥିଲା। ସେଠାକୁ ଯାଉଥିବା ଡ୍ରାଇଭର ତେଜ ଭୋଇ, ଶ୍ରୀକାନ୍ତ ମିଶ୍ର, ଆଶିଷ ରଣା, ଦୟା ରାଓ, ଭୀମ ସେଠ, ନରେଶ ଦୀପ, ସୁଦାମ ଭୋଇ, ହାରାଧନ ହଂସ, ରୁଦ୍ର ହଂସ, ସୁଶାନ୍ତ ମିର୍ଦ୍ଧା ପ୍ରମୁଖଙ୍କ ଅକ୍ଲାନ୍ତ ପରିଶ୍ରମ ପରେ ଉକ୍ତ କୁକୁରର ଗୋଡ଼ରୁ ତାରକୁ କଢ଼ା ଯାଇଥିଲା । ଏହି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ବରପାଲି ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ

**ବରପାଲି, ୯ ।୧ (ସମିସ):** ବରପାଲି ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷା ଜୟନ୍ତୀ ଦାଶଙ୍କ ଅଧ୍ୟକ୍ଷତାରେ ମହିଳା ଆତ୍ମ ସୁରକ୍ଷା ତାଲିମ୍ ଶିବିର ଉଦଘାଟିତ ହୋଇଯାଇଛି। ଶିବିରରେ ପ୍ରୋଗ୍ରାମ କୋଅର୍ଡିନେଟର ଅଧ୍ୟାପିକା ଡ. ସମ୍ବିତା ପ୍ରଧାନଙ୍କ ତତ୍ତ୍ୱାଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ଅବସରରେ ଅତିଥିମାନେ ଆତ୍ମସୁରକ୍ଷା ଭିତ୍ତିକ ରଣକୌଶଳ ସହ ଭିନ୍ନଭିନ୍ନ ଶୈଳୀ ଉପରେ ବୁଝାଇଥିଲେ। ଏହି ଅବସରରେ ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

## ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ

**ସୋହେଲା, ୮।୧(ସମିସ):** ଆଜି ସୋହେଲା ବ୍ଲକ ସଭାଗୃହରେ ଆଗାମୀ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁରେନ୍ଦ୍ର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ତହସିଲଦାର ଶୁଭରଞ୍ଜନ ନାୟକ, ବିଏସଏସଓ ହରେକୃଷ୍ଣ ମହାପାତ୍ର, ଡାକ୍ତର ଶିଶିର କୁମାର ସାହୁ,ଗିରିଜା ଶଙ୍କର ଆଚାର୍ଯ୍ୟ ମଞ୍ଚାସୀନ ଥିଲେ। ଆଗାମୀ ସାଧାରଣତନ୍ତ୍ର ଦିବସକୁ ଭବ୍ୟ ପାଳନ କରିବାକୁ ଆଲୋଚନା କରାଯାଇଥିଲା । ପ୍ରଭାତ ଫେରି, ପତାକା ଉତ୍ତୋଳନ, ପରେଡ, ପ୍ରତିଯୋଗିତା, ପୁରସ୍କାର,ସାଂସ୍କୃତିକ କାର୍ଯ୍ୟକ୍ରମ , ମିଷ୍ଟାନ୍ନ ବଣ୍ଟନ ବିଷୟରେ ବିଶଦ ଆଲୋଚନା କରାଯାଇ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ସୋହେଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରତିନିଧି ସହ ଜେଲ ଅଧୀକ୍ଷକ, ପୁଲିସ, ବ୍ଲକ କର୍ମଚାରୀ , ଓକିଲ ସଂଘ ,ଶିକ୍ଷା ବିଭାଗ , ସୁଶାନ୍ତ ମିଶ୍ର , ଅନିଲ ପଧାନ, ଅଶ୍ୱିନୀ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସୋହେଲା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ସୋହେଲା, ୮।୧(ସମିସ):** ସୋହେଲା ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସୋହେଲା ଦୁର୍ଗାମନ୍ଦିରରୁ ମଶାଲ ଆଣି ସ୍ଥାପନ କଲାପରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ରବୀନ୍ଦ୍ର ମିଶ୍ର କ୍ରୀଡ଼ା ପତାକା ଉତ୍ତୋଳନ କରି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ପ୍ରଥମ ଦିନରେ ଉଚ୍ଚ ମାଧ୍ୟମିକ ବିଭାଗର ପ୍ରତଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଛାତ୍ରୀ ଅଙ୍କିତା ସାହୁ ଏବଂ ଛାତ୍ର ଉମେଶ ଭୁଏ ଚାମ୍ପିଅନ ହୋଇଛନ୍ତି । ଦ୍ୱିତୀୟ ଦିବସରେ ଡିଗ୍ରୀ ବିଭାଗର ପ୍ରତଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରୀ ନିମା କାଣ୍ଡ , ଛାତ୍ର ଲମ୍ବୋଦର ଭୁଏ ଚାମ୍ପିଅନ ହୋଇଥିଲେ। କ୍ରୀଡ଼ା ଶିକ୍ଷକ ସୁଦାମ ବାରିକ, ତୁଳସୀ ପଧାନ , ସୁଶାନ୍ତ ସାହୁ , ସୁଶୀଲ ଚାନ୍ଦ ପ୍ରୀତିଯୋଗିତା ପରିଚାଳନା କରିଥିଲେ। ଡାକ୍ତର ଶିଶିର କୁମାର ସାହୁ , ଅନିଲ ପଧାନ, ଟେକଚାନ୍ଦ ଦୁଆନ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

## ସିଲେଇ ଟ୍ରେନିଂ ଉଦ୍‌ଘାଟିତ

**ପାଇକମାଲ, ୯ ।୧ (ସମିସ) :** ପାଇକମାଳ ବ୍ଲକ ମିଠାପାଲି ପଞ୍ଚାୟତ କାର୍ଯ୍ୟାଳୟରେ ମହାଶକ୍ତି ଫାଉଣ୍ଡେସନ ଓ ଏଲଟିଆଇ, ମାଇଣ୍ଡ ଟ୍ରି ପକ୍ଷରୁ ଦକ୍ଷତା ଓ କୌଶଳ ଶିକ୍ଷା ବିକାଶ ପାଇଁ ସିଲାଇ ପ୍ରଶିକ୍ଷଣକୁ ପାଇକମାଳ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଫୁଲ୍ଲ କୁମାର ଓଡ଼୍ଡୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭ ଉଦଘାଟନ କରିଥିଲେ। ଏଥିରେ ପାଇକମାଳ ବ୍ଲକର ନୀତି ଆୟୋଗ ଆକାଂଖୀ ଗ୍ରାମ ପ୍ରୋଜେକ୍ଟ ଅଧିକାରୀ ମଧୁସ୍ମିତା ବେହେରା, ଆଇଭିଡିପି ପ୍ରକଳ୍ପ ପ୍ରବନ୍ଧକ ଫିରୋଜ କୁମାର ଠାଥି ଏବଂ ମିଠାପାଲି ଗ୍ରାମ ପଞ୍ଚାୟତର ସରପଞ୍ଚ ସୁଭାସିନୀ ସେଠ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରଥମ ବ୍ୟାଚର ୩୭ ଜଣ କିଶୋରୀ ତିନି ମାସିଆ ଟ୍ରେନିଂ ଶେଷ କରିଥିବାରୁ ତାଙ୍କୁ ସାର୍ଟିଫିକେଟ ବଣ୍ଟନ କରାଯାଇଥିଲା । ଏହା ସହିତ ଦ୍ୱିତୀୟ ବ୍ୟାଚ୍‌ର ୬୩ ଜଣ କିଶୋରୀମାନେ ସିଲାଇ ପ୍ରଶିକ୍ଷଣ ପାଇଁ ନାମ ପଞ୍ଜୀକରଣ କରିଥିଲେ।

## ୨୬ରେ ଶୌର୍ଯ୍ୟ ଜାଗରଣ ମହୋତ୍ସବ

**ବରଗଡ଼,୯ । ୧(ସମିସ):** ଅଖିଳ ଭାରତୀୟ ହିନ୍ଦୁ ମହିଳା ମଞ୍ଚର କାର୍ଯ୍ୟକର୍ତ୍ତା ତଥା ଅଧ୍ୟକ୍ଷା ଦର୍ଶନା ଅଗ୍ରୱାଲ ଜଣାଇଛନ୍ତି ଯେ, ଆସନ୍ତା ୨୬ ତାରିଖ ସାଧାରଣତନ୍ତ୍ର ଦିବସ ଦିନ ମଞ୍ଚର ଏକ ବିରାଟ ଶୌର୍ଯ୍ୟ ଜାଗରଣ ମହୋତ୍ସବ ଅନୁଷ୍ଠିତ ହେବ। ୧.୩୦ ରୁ ମହିଳାଙ୍କ ଏକ ଶୋଭାଯାତ୍ରା ମା' ଶ୍ୟାମାକାଳୀ ମନ୍ଦିରରୁ ଜ୍ୟୋତି ନେଇ ଥାନାଛକ ଦେଇ ଏସପି ଅଫିସ ଛକ, ନିଶାମଣି ସ୍କୁଲ ପଡ଼ିଆରେ ପହଞ୍ଚିବ। ସେଠାରେ ୧୦୮ କୁଣ୍ଡୀୟ ରାଷ୍ଟ୍ରଭୃତ ଯଜ୍ଞ ଆରମ୍ଭ ହେବ ଏବଂ ଭାରତ ମାତାଙ୍କ ମହା ଆରତୀ ସହ ଯଜ୍ଞ ଶେଷ ହେବ।

## ଗୋଣ୍ଡୱାନା ଗୋଣ୍ଡ ମହାସଭାର ବାର୍ଷିକ ପୂଜା

**ପାଇକମାଲ, ୯ ।୧ (ସମିସ) :** ଶ୍ରୀ ନୃସିଂହନାଥ ପୀଠରେ ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭାର ବାର୍ଷିକ ପୂଜା ଉତ୍ସବ ଅନୁଷ୍ଠିତ ହୋଇଛି। ଘଣ୍ଟ ଶଙ୍ଖ ବୀରବାଦ୍ୟରେ ବିରାଟ ଶୋଭାଯାତ୍ରାରେ ନୃସିଂହନାଥ ସ୍ଥିତ ଚାଲଧାର ଝରଣାରୁ ୧୦୮ ଟି କଳସ ଶୋଭାଯାତ୍ରାରେ ଆଦିବାସୀ ପରମ୍ପରା ସହ ଆସି ନିଜ ଦେବୀପୀଠରେ ସ୍ଥାପନା କରିଥିଲେ। ବରିଷ୍ଠ ସାମାଜିକ କାର୍ଯ୍ୟକର୍ତ୍ତା ଗଜରାଜ ସିଂ ପୁଟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଖିତରାଜ ଗଇଁତା ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ କାର୍ଯ୍ୟକର୍ତ୍ତା ଦୁର୍ଯୋଧନ ପୁଟା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ରଞ୍ଜନ ମାଝୀ, ରୁପଧାର ନାଏକ, ଜଗରନାଥ ପି. ସିଦାର, ଚିତ୍ତରଞ୍ଜନ ପୋରେଟା, ରମେଶ ଜଗତ, ସଭାରାମ ସିଦାର, ଲକ୍ଷ୍ମୀସିଦାର, ଭାଗବତୀ ଆସିଂ ଦାଓ ଭୋଳାନାଥ ସିଦାର, ଦୁର୍ଯ୍ୟୋଧନ ପୁଟା ମଞ୍ଚାସୀନ ଥିଲେ। ଉସତ ଧରୁଆ, ଶୋଭାରାମ ଧାରୁଆ, ବସନ୍ତ ଧାରୁଆ, ଜଗଦେବ ଧାରୁଆ ଆଦି ଯୋଗଦେଇଥିଲେ।

## କେବାଡ଼ ଆଞ୍ଚଳିକ ଧନୁଯାତ୍ରା ଉଦ୍‌ଯାପିତ



**ବରପାଲି, ୯ ।୧ (ସମିସ):** ବରପାଲି ବ୍ଲକ କେବାଡ଼ ସପ୍ତମ ଧନୁଯାତ୍ରା ଉଦଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ ଶ୍ରୀକୃଷ୍ଣ ଓ ବଳରାମଙ୍କ ଦ୍ୱାରା ମହାରାଜା କଂସଙ୍କ ମୃତ୍ୟୁ ହୋଇଥିଲା। ଏହି ଅବସରରେ ଗୋପାଙ୍ଗନମାନେ ପରିକ୍ରମା ମାଧ୍ୟମରେ ଦହି ବିତରଣ କରିଥିଲେ। କଂସଙ୍କ ଦୌରାତ୍ମ୍ୟରୁ ରକ୍ଷା ପାଇଥିବାରୁ ସମଗ୍ର ମଥୁରା ଓ ଗୋପପୁରରେ ମହୋତ୍ସବର ଆୟୋଜନ ହୋଇଥିଲା। ଏହି ଅବସରରେ ମୀନା ବଜାର ସହ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା। ଉଦଯାପନୀ ଉତ୍ସବରେ ଅତିଥି ଭାବରେ ବିଜେଡି ଜିଲ୍ଲା ଯୁବ ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ରାଜ୍ୟ ସମବାୟ ଉପସଭାପତି ବିରସେନ ସାହୁ, ମେଘନାଦ ପଧାନ, ଗୋପାଳ ଦାଶ, ସୁମନ୍ତ ମେହେର ପ୍ରମୁଖ ଯୋଗ ଦେଇଥିଲେ। ଯାତ୍ରାରେ ଅଭିନୟ କରିଥିବା କଳାକାରଙ୍କ ମଧ୍ୟରେ ମହାରାଜ କଂସ ପ୍ରଫୁଲ୍ଲ ମେହେର, ଦ୍ରୁମିଳାଶୁର ଭାବରେ ଦେବେନ୍ଦ୍ର କନ୍ଧେର, ଉଗ୍ରସେନ ସୁବାସ ବାଗ, ଇନ୍ଦୁମତୀ ସସ୍ମିତା ଦଳବେହେରା, ଅଜୟ ସାହୁ ପ୍ରମୁଖ କଳାକାର ଅଭିନୟ କରିଥିଲେ।

## ପ୍ରବାସୀ ଭାରତୀୟ ଦିବସ ପାଳିତ

**ଭେଡେନ, ୯ ।୧(ସମିସ):** ଭେଡେନ ସ୍ଥିତ ଆଞ୍ଚଳିକ କିଷାନ ମହାବିଦ୍ୟାଳୟ ପରିସରରେ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟାପକ ଉପେନ୍ଦ୍ର ଛତରଙ୍କ ଆହ୍ୱାନରେ ମହାବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଳା ସାହୁ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରବାସୀ ଭାରତୀୟଙ୍କ ଉପରେ ପ୍ରବନ୍ଧ ପ୍ରତିଯୋଗିତା ହେବା ସହ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ସନ୍ତୋଷ କୁମାର ନାୟାର ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାର ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ଡ. ଅନୁକମ୍ପା ନାଏକ, ଅଧ୍ୟାପକ ରାଜେଶ କୁମାର ମେହେର ସହଯୋଗ କରିଥିଲେ।

## ଜାତୀୟ ପକ୍ଷୀ ଦିବସ ପାଳିତ

**ବରଗଡ଼, ୯ ।୧(ସମିସ):** ଜୀବ ଜଗତରେ ଚଳଚଞ୍ଚଳ ନଭଶ୍ଚର ପକ୍ଷୀଜଗତର ସଂରକ୍ଷଣ ନିମନ୍ତେ ଛାତ୍ରାବସ୍ଥାରୁ ସଚେତନତା ସୃଷ୍ଟି କରିବା ଆଭିମୁଖ୍ୟ ନେଇ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତା ସ୍ଥିତ ଜନତା ହାଇସ୍କୁଲରେ ଜାତୀୟ ପକ୍ଷୀ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଇକୋ କ୍ଲବ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଜାତୀୟ ପକ୍ଷୀ ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଆୟୋଜିତ 'ପରିସଂସ୍ଥାରେ ପକ୍ଷୀଜଗତ' ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗୀମାନଙ୍କ ମଧ୍ୟରୁ ମଞ୍ଜୁ ନାୟକ, ନୈନାଶ୍ରୀ ପଧାନ ଏବଂ ପ୍ରିୟଦର୍ଶିନୀ ଦେହେରୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ସଞ୍ଜୟ ଖମାରୀ, ତେଜରାମ ସା, ବୋଧରାମ ବିଶ୍ୱାଳ, ଆଶୁତୋଷ ଭୋଇ, ସୁବାସ ଚନ୍ଦ୍ର ଖମାରୀ, ପଦ୍ମଲୋଚନ ବିଶି, ଅଙ୍କିତ ମହନ୍ତ, ଶିକ୍ଷୟିତ୍ରୀ ଅନୀତା ପଧାନ ପ୍ରମୁଖ ସହଯୋଗ କରିଥିଲେ।

## ବାରପଲିଆ - ବଣ୍ଡିକିମହୁଲ ରାସ୍ତା ମରଣଯନ୍ତା

**ମାଣ୍ଡୋସିଲ, ୯ ।୧ (ସମିସ):** ପାଇକମାଳ ବ୍ଲକ ଛିନ୍ଦେଇକେଲା ପଞ୍ଚାୟତ ଅଧୀନରେ ଥିବା ବାରପଲିଆ ଛକରୁ ବଣ୍ଡକିମହୁଲ ୩ କିମି ପର୍ଯ୍ୟନ୍ତ ରାସ୍ତାଟି ମରଣଯନ୍ତା ପାଲଟିଛି। ଅତ୍ୟନ୍ତ ଶୋଚନୀୟ ସହ ବଡ଼ ବଡ଼ ଗର୍ତ୍ତ ରହିଛି, ଯାହା ଦୁଇଚକିଆ ଚାରିଚକିଆ ଗାଡ଼ି ବି ଠିକ ଭାବରେ ଯା'ଆସ କରିପାରୁନି। ଏହି ରାସ୍ତା ଦେଇ ଛିନ୍ଦେଇକେଲା, ବାରପଲିଆ, ଲଖନା, ମୁଣ୍ଡାପଲାର ଲୋକେ ପ୍ରତିଦିନ ଯା'ଆସ କରନ୍ତି। ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟିଦେଇ ଶୀଘ୍ର ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



## ସୋହେଲା ମହାବିଦ୍ୟାଳରେ କ୍ରୀଡ଼ା ପ୍ରତିଯୋଗିତା

ସୋହେଲା, ୮।୧(ସମିସ)

ସୋହେଲା ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାର ପ୍ରଥମ ଦିବସରେ ପ୍ରତିଯୋଗୀମାନେ ସ୍ଥାନୀୟ ଦୁର୍ଗାମନ୍ଦିରରେ ପୂଜାର୍ଚ୍ଚନା ପରେ ମଶାଲ ସ୍ଥାପନ ପରେ କଲେଜ ଅଧ୍ୟକ୍ଷ ଡ. ରବୀନ୍ଦ୍ର ମିଶ୍ର ପତାକା ଉତ୍ତୋଳନ କରି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଉଚ୍ଚ ମାଧ୍ୟମିକ ସ୍ତରର ପ୍ରତିଯୋଗିତାରେ ଅଙ୍କିତା ସାହୁ ଏବଂ ଉମେଶ ଭୁଏ ଚାମ୍ପିଅନ ହୋଇଥିଲେ। ଡିଗ୍ରିସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ନିମା କାଣ୍ଡ ଏବଂ ଲମ୍ବୋଦର ଭୁଏ ଚାମ୍ପିଅନ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଡା. ଶିଶିର କୁମାର ସାହୁ, ସମାଜସେବୀ ଅନିଲ କୁମାର ପଧାନ, ପୂର୍ବତନ କଲେଜ ଅଧ୍ୟକ୍ଷ ଟେକଚାନ୍ଦ ଦୁଆନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।



## ସପ୍ତମ ଦିନରେ କଂସଙ୍କ ଦୁର୍ଗାସ୍ତୁତି, ରାଧାକୃଷ୍ଣଙ୍କ ନାବକେଳି

# ମନ୍ତ୍ରୀ ଅକ୍ରୂରଙ୍କୁ ଗୋପପୁର ପ୍ରେରଣ















ବରଗଡ଼, ୯।୧(ସମିସ): ଲୋକାରଣ୍ୟରେ ଫାଟିପଡୁଛି ବରଗଡ଼ ସହର। ସୁସଜ୍ଜିତ ଆଲୋକମାଳା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଜନମାନସକୁ ଆନ୍ଦୋଳିତ କରିଛି। ଗୋଟେପଟେ ମହାରାଜ କଂସଙ୍କ ପରାକ୍ରମ ଓ ଅନ୍ୟପଟେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଦର୍ଶକଙ୍କ ମନ ମୋହୁଛି। ଆଜି ସପ୍ତମ ଦିବସରେ ଗୋଟିଏ ପଟେ ରାଧାକୃଷ୍ଣଙ୍କ ନାବକେଳି ଏବଂ ଅନ୍ୟପଟେ ଶୂନ୍ୟବାଣୀ ଶୁଣିବା ପରେ ବାରମ୍ବାର ବିଚଳିତ ହୋଇପଡ଼ିଥିଲେ କଂସ ମହାରାଜ। ନାରଦଙ୍କ ପରାମର୍ଶ କ୍ରମେ କୃଷ୍ଣ, ବଳରାମଙ୍କୁ ନିମନ୍ତ୍ରଣ ପାଇଁ ମହାରାଜ କଂସ ମନ୍ତ୍ରୀ ଅକ୍ରୂରଙ୍କୁ ଆଜି ଗୋପପୁର ପ୍ରେରଣ କରିଛନ୍ତି। ହାଟପଦା ଦୁର୍ଗାମନ୍ଦିରରେ ମହାରାଜ କଂସ ଦୁର୍ଗାସ୍ତୁତି କରିଛନ୍ତି।

ଦରବାରରେ ଆବାସ ଯୋଜନାରେ ଗୃହ ପାଇ ନ ଥିବା ଜଣେ ଗରିବ ପ୍ରଜା କେମିତି ଆବାସ ଗୃହ ପାଇବ, ସେଥିପାଇଁ ପୌର ପରିଷଦ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ପଟେ ଗୋପପୁରରୁ କୃଷ୍ଣ, ବଳରାମ ନାବକେଳି ପାଇଁ ଆସିବା ସମୟରେ ପ୍ରଭୁଙ୍କ ଦର୍ଶନ ସହ ସମସ୍ତେ ପାଦ ଧୋଇଥିଲେ। ସମସ୍ତଙ୍କ ଘର ଆଗରେ ପୂର୍ଣ୍ଣ କଳସୀ ରଖାଯିବା ସହ ଝୋଟି ନିର୍ମାଣ କରାଯାଇଥିଲା। ଏହି ସମୟରେ ମନାବନ୍ଧର ଚତୁଃପାର୍ଶ୍ୱ ଲୋକାରଣ୍ୟ ହୋଇପଡ଼ିଥିଲା । ଆଜି ରାଜ ଦରବାରକୁ ରାଜଅତିଥି ଭାବରେ ଆଇଜି ହିମାଂଶୁ ଲାଲ,ବରଗଡ଼ ଏସପି ପ୍ରହଲ୍ଲାଦ ମୀନା ପ୍ରମୁଖ ଆସିଥିଲେ।




## ବରଗଡ଼ ଟାଉନ ଥାନାରେ ମହାରାଜ କଂସ

### ୪ ଚୋରଙ୍କୁ ଚାବୁକ୍ ପ୍ରହାର ପରେ ଛାଡ଼ିଦେବାକୁ ନିର୍ଦ୍ଦେଶ

ବରଗଡ଼, ୯।୧(ସମିସ): ଆଜି ମହାରାଜ କଂସ ଦିଗବିଜୟରେ ବାହାରିବା ସମୟରେ ବରଗଡ଼ ଟାଉନ୍ ଥାନାରେ ଯାଇ ପହଞ୍ଚିଥିଲେ। ବରଗଡ଼ ଏସଡିପିଓ ପଦ୍ମାରବିନ୍ଦ ତ୍ରିପାଠୀ ମହାରାଜ କଂସଙ୍କୁ ଉପଢୌକନ ଦେଇ ସ୍ୱାଗତ କରିଥିଲେ। ଗତକାଲି ରାତିରେ ଚାରିଜଣ ଚୋରଙ୍କୁ ଟାଉନ୍ ଥାନାଧିକାରୀ ସତ୍ୟଜିତ କନ୍ଦେଲକର, ଏସ ଆଇ ସୁଶାନ୍ତ ସାହୁ, ଏସ ଆଇ ରଶ୍ମି ରଞ୍ଜନ ହୋତା ପ୍ରମୁଖ ଷ୍ଟାଫ୍ ମିଶି ଧରିଥିଲେ। ମହାରାଜ କଂସ ସବୁ ଚୋରଙ୍କୁ ଚାବୁକରେ ପ୍ରହାର କରିବା ସହ ଆଉ କେବେ ବି ଚୋରି ନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଚାରି ଚୋରଙ୍କୁ ଖଲାସ କରି ଦେବାକୁ ନିର୍ଦ୍ଦେଶ ଦେଇଥିଲେ।




## ବରଗଡ଼ ଧନୁଯାତ୍ରା ମହୋତ୍ସବ

# ମହାରାଜ କଂସ ଖଳନାୟକ ନୁହନ୍ତି; ନାୟକ



ବରଗଡ଼, ୯।୧(ସମିସ): ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ମୁଖ୍ୟ ଚରିତ୍ର ହେଉଛନ୍ତି ମହାରାଜ କଂସ। ମହାରାଜ କଂସଙ୍କୁ ଅତ୍ୟାଚାରୀ ବୋଲି ଖଳନାୟକର ରୂପ ପୁରାଣରେ ବର୍ଣ୍ଣିତ ହୋଇଥିଲେ ବି ବରଗଡ଼ ଧନୁଯାତ୍ରାର ମହାରାଜ କଂସ ସବୁବେଳେ ମଥୁରା ନଗରୀ ପ୍ରଜାଙ୍କ ଚିନ୍ତା କରିଥାନ୍ତି। ମହାରାଜ କଂସଙ୍କ ରାଜ ଦରବାରରେ ରଙ୍ଗସଭାର ଅୟୋଜନ ହୋଇଥିଲା। ବିଭିନ୍ନ ରାଜ୍ୟରୁ ରାଜାମାନେ ଆସିଥିବା ବେଳେ ରାଜ ଦରବାରକୁ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଡ଼କାଇଥିଲେ। ପ୍ରଥମେ ବରଗଡ଼ ଜିଲ୍ଲାପାଳଙ୍କ ପାଳି ପଡ଼ିଥିଲା। ବେସରକାରୀ ବସ୍ ଷ୍ଟାଣ୍ଡ ପାଖରେ ଥିବା ଆଶ୍ରୟ ସ୍ଥଳୀର ଦୂରବସ୍ଥାକୁ ନେଇ ମହାରାଜ କଂସ ପ୍ରଶ୍ନ କରିଥିଲେ। ସେଠାରେ ଥିବା ଅନ୍ତେବାସୀଙ୍କୁ ପ୍ରତିଦିନ ଦୁଇବେଳା ଭାତ-ଡାଲମା ଛଡ଼ା ଆଉକିଛି ଦିଆଯାଉନି। ସେମାନଙ୍କ ପାଇଁ କୌଣସି ଡାକ୍ତରୀ ସେବା ନାହିଁ। ତୁରନ୍ତ ସେ ଜାଗାରେ ଯାହା କିଛି ସମସ୍ୟା ଅଛି, ସମାଧାନ କରନ୍ତୁ ବୋଲି ମହାରାଜ କଂସ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜି ସକାଳୁ ବରଗଡ଼ ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ ଆଶ୍ରୟ ସ୍ଥଳୀକୁ ଯାଇ ସବୁ ସୁବିଧା ଅସୁବିଧା ବୁଝିଥିଲେ। ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ମହାରାଜ ନିର୍ଦ୍ଦେଶ ଦେଇଥିଲେ ଯେ, ସମସ୍ତ ଚାଷୀ ଯେମିତି ସୁରୁଖୁରୁରେ ଧାନ ବିକ୍ରିକରି ପାରିବେ। ବରଗଡ଼ ଅତିରିକ୍ତ ଏସପି ସୌରଭ ଥାଟିଙ୍କୁ କହିଲେ ଯେ, ଧନୁଯାତ୍ରାରେ ପାକେଟ ମାର,ଲୁଟପାଟ ବହୁତ୍ ହେଉଛି , ତା ସହ ଟ୍ରାଫିକ ସମସ୍ୟା ବି ବହୁତ୍। ଏଣୁ ଏ ସବୁପ୍ରତି ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ନିର୍ଦ୍ଦେଶ ଦେଇଥିଲେ କଂସ ମହାରାଜ। ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ଶିକ୍ଷାର ଉନ୍ନତି ପାଇଁ ଚେଷ୍ଟା କରନ୍ତୁ ବୋଲି ନିର୍ଦ୍ଦେଶ ଦେଇଥିଲେ। ମଥୁରା ନଗରୀବାସୀ ଧାନଚାଷ ସହ ଆଳୁ ,ପିଆଜ,ଅନ୍ୟ ପନିପରିବା କିପରି ଭଲ ଭାବରେ କରିବେ, ଆଉ ମଥୁରା ନଗରୀରେ ଶୀତଳ ଭଣ୍ଡାର ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏମିତି ପ୍ରତ୍ୟେକ ବିଭାଗ ଅଧିକାରୀଙ୍କୁ ଯେଉଁଭଳି ଭାବରେ ନିର୍ଦ୍ଦେଶ ଦେଉଥିଲେ, ସେଥିରୁ ଜଣାପଡ଼ିଲା ମହାରାଜ କଂସ ଜଣେ ଖଳନାୟକ ନୁହନ୍ତି, ସତରେ ଜଣେ ନାୟକ।

■ ଧନୁଯାତ୍ରା ଅବସରରେ ନିଷ୍ଠା ପରିବାରର ରକ୍ତଦାନ ଶିବିର

## ୫୧ ୟୁନିଟ୍ ରକ୍ତ ସଂଗୃହୀତ



ବରଗଡ଼, ୯। ୧(ସମିସ): ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଅବସରରେ ଜର୍ଜ ହାଇସ୍କୁଲ ,ମୀନାବଜାର ପଡ଼ିଆ ଠାରେ ନିଷ୍ଠା ପରିବାର ତରଫରୁ ଚତୁର୍ଥ ଦିନ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରେଡ୍ ଡ୍ରପ୍ ମାରାଥନ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ମୁଖ୍ୟ ଅତିଥି ଭାବରେ ବରଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବେରିୟସ ଡୁଙ୍ଗ ଡୁଙ୍ଗ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ବାର୍ ଆସୋସିଏସନର ସମ୍ପାଦକ ଦ୍ୱିତିଶ ଆଚାର୍ଯ୍ୟ (କୁନା), ଟାଉନ ଥାନା ଅଧିକାରୀ ସତ୍ୟଜିତ କାଣ୍ଡେଲକର, ପ୍ରଭାତ ଆଦିତ୍ୟ ମିଶ୍ର , ଆଥଲେଟିକ ଆସୋସିଏସନ୍ ର ସଦସ୍ୟ ଅମିୟ ଚରଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଧନୁଯାତ୍ରା ଦେଖି ଆସିଥିବା ସମୟରେ ରକ୍ତଦେବା ପାଇଁ ଯୁବକ ଯୁବତୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ସର୍ବମୋଟ ୫୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହି ଶିବିରକୁ ନିଷ୍ଠା ପରିବାରର ସମସ୍ତ ସଦସ୍ୟ ସଦସ୍ୟା ସୁପରିଚାଳନା କରିଥିଲେ। ରକ୍ତଦାତାମାନଙ୍କୁ ନିଷ୍ଠା ପରିବାର ତରଫରୁ ଧନ୍ୟବାଦ ଅର୍ପଣ କରାଇଥିଲା।

ସକାଳ THE SAKALA



# ବିଭିନ୍ନତା ମଧ୍ୟରେ ଏକତାର ପର୍ବ ସୁବର୍ଣ୍ଣ ଲୋକ ମହୋତ୍ସବ

**ସୋନପୁର, ୯ ।୧(ସମିସ)**

ରାଜସ୍ଥାନ, ଆସାମ, ପଞ୍ଜାବ, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ମଣିପୁର ରାଜ୍ୟର କଳାକାରଙ୍କ ସହ ଆମ ରାଜ୍ୟର ବିଭିନ୍ନ ଜିଲ୍ଲାର କଳାକାରଙ୍କୁ ଏକତ୍ରିତ କରିଛି ସୁବର୍ଣ୍ଣଲୋକ ମହୋତ୍ସବ। ଫକୀର ପଟ୍ଟନାୟକ ଖୋଲାମଞ୍ଚରେ ରାଜ୍ୟ ତଥା ରାଜ୍ୟ ବାହାରର କଳାକାରଙ୍କ ନୃତ୍ୟ ଗୀତ ଦେଖି ଦର୍ଶକ ମାନେ ଉଲ୍ଲସିତ ହୋଇ ଯାଉଛନ୍ତି। ସ୍ଥାନୀୟ ରାମେଶ୍ୱର ଷ୍ଟାଡିୟମର ଫକୀର ପଟ୍ଟନାୟକ ଖୋଲା ମଞ୍ଚରେ ଚାଲିଥିବା ସୁବର୍ଣ୍ଣ ଲୋକମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଅନୁଷ୍ଠିତ ପାରମ୍ପରିକ ନୃତ୍ୟ ଗୀତରେ ଦର୍ଶକମାନେ ଝୁମି ଯାଇଥିଲେ। ଜିଲ୍ଲାର ବିଭିନ୍ନ ନୃତ୍ୟ ଦଳଙ୍କ ସମେତ ବିଭିନ୍ନ ଜିଲ୍ଲା ଏବଂ ରାଜ୍ୟ ବାହାରୁ ଆସିଥିବା ସାଂସ୍କୃତିକ ଦଳ ମନୋମୁଗ୍ଧକର ନୃତ୍ୟ ପରିବେଷଣ କରିଥିଲେ। ସୋନପୁର ଟ୍ରେଣ୍ଡି ଏକାଡେମୀର ନୃତ୍ୟ ଏବଂ ସାହାରା ଟ୍ରଷ୍ଟ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।ଏହା ସହ ପଞ୍ଜାବର ନୃତ୍ୟ ଦଳ ଚିତ୍ତାକର୍ଷକ ଭାଙ୍ଗଡ଼ା ନୃତ୍ୟ ପ୍ରଦର୍ଶନ କରିଥିଲେ। ମଣିପୁରର ମିଣିପୁରୀ, ରାୟଗଡ଼ାର କନ୍ଧ ନୃତ୍ୟ, କନ୍ଧମାଳର ଡେମସା ଏବଂ ବୌଦ୍ଧର କଳାକାର ମାନେ ଭାରତ ନାଟ୍ୟମ ପରିବେଷଣ କରିଥିଲେ। ଗୁରୁ ମାଗୁଣି ଜେନାଙ୍କ ନୃତ୍ୟ ଦଳର ଗୋଟି ପୁଅ ନୃତ୍ୟ ଶୀତୁଆ ସନ୍ଧ୍ୟାରେ ଉଷ୍ମତା ଭରି ଦେଇଥିଲେ। ପ୍ରାରମ୍ଭରେ ସ୍ଥାନୀୟ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଜିଲ୍ଲା ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମା, ସିଡିଏମଓ ପ୍ରଦୀପ କୁମାର ଗୁରୁ, ଯୋଗାଣ ଅଧିକାରୀ ଯୋଗେଶ୍ୱର ସାଏ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜ୍ଜୁନ ମାଝି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ।





## ଫୁଡ୍ କୋର୍ଟ ସାଜିଛି ଉତ୍ସବର ମୁଖ୍ୟ ଆକର୍ଷଣ



**ସୋନପୁର :** ଗୁରୁବାର ଥିଲା ସୁବର୍ଣ୍ଣ ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା। ତେବେ ଉତ୍ସବ ସରି ସରି ବସିଥିବା ବେଳେ ଲୋକଙ୍କ ଉତ୍ସାହ ବଢ଼ି ଚାଲିଛି। ତେବେ ଚଳିତ ବର୍ଷ ପ୍ରଥମ ଥର ପାଇଁ ଏକ ଖାଦ୍ୟ ପ୍ରଦର୍ଶନୀ ଆରମ୍ଭ ହୋଇଛି। ଏଠାରେ ଖୋଲିଥିବା ଫୁଡ୍ କୋର୍ଟ ଉତ୍ସବର ମୁଖ୍ୟ ଆକର୍ଷଣ ସାଜିଛି। ଏଠାରେ ଜାତି ଜାତିକା ସୁସ୍ୱାଦୁ ଖାଦ୍ୟର ଷ୍ଟଲ୍ ଖୋଲିଛି। ଏଠାରେ ବାଉଁଶ ପୋଡ଼ା ମଟନ ଠାରୁ ଦେଶୀ ପିଠା ମଣ୍ଡା ଭଳି ସୁସ୍ୱାଦୁ ଖାଦ୍ୟ ମିଳୁଛି। ଚିଙ୍ଗୁଡି, କଙ୍କଡ଼ା, ମହାନଦୀ ମାଛ ଖାଇବାକୁ ଲୋକଙ୍କ ସ୍ୱତନ୍ତ୍ର ଆଗ୍ରହ ବାରି ହୋଇ ପଡୁଛି। ଏଠାରେ ମିଳୁଥିବା ଫ୍ୟାମିଲି ଦୋଶା ଖାଇବାକୁ ମଧ୍ୟ ଲୋକେ ଖୁବ୍ ପସନ୍ଦ କରୁଛନ୍ତି। ଫୁଡ୍ କୋର୍ଟରେ ଲୋକଙ୍କ ଆଗ୍ରହ ଦେଖି ବ୍ୟବସାୟୀମାନେ ମଧ୍ୟ ଖୁବ୍ ଉତ୍ସାହିତ ହୋଇଛନ୍ତି। ବାରିପଦାରୁ ଆସିଥିବା ମାଂସ ମୁଢି ଦୋକାନୀ କହିଛନ୍ତି ଅନ୍ୟ ଜିଲ୍ଲା ଉତ୍ସବ ଅପେକ୍ଷା ସୁବର୍ଣ୍ଣପୁରଲୋକ ମହୋତ୍ସବରେ ଭଲ ବ୍ୟବସାୟ ହେଉଛି। ତେଣୁ ଆମେ ପ୍ରତ୍ୟେକ ବର୍ଷ ଖାଦ୍ୟ ପ୍ରଦର୍ଶନୀକୁ ଆସି ଦୋକାନ ଖୋଲିବୁ ବୋଲି ସେ କହିଛନ୍ତି। ପ୍ରଥମଥର ପାଇଁ ଚଳିତବର୍ଷ ଏଠାରେ ଖାଦ୍ୟ ମେଳା ଲାଗି ଥିବାରୁ ସ୍ଥାନୀୟ ଲୋକେ ପ୍ରଶାସନର ଏହି ପ୍ରୟାସକୁ ଖୁବ୍ ପ୍ରଶଂସା କରିଛନ୍ତି।

# କଡ଼ାକଡ଼ି ହେବ କନ୍ୟା ଭ୍ରୂଣହତ୍ୟା ନିରୋଧ ଆଇନ

**ସୋନପୁର, ୯ ।୧(ସମିସ):** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ କନ୍ୟା ଭ୍ରୂଣ ହତ୍ୟା ନିରୋଧ ଆଇନର ଜିଲ୍ଲା ପରାମର୍ଶ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଅଧକ୍ଷତା କରିଥିଲେ ଓ କନ୍ୟା ଭ୍ରୂଣ ହତ୍ୟା ନିରୋଧ ଆଇନକୁ କଡାକଡି ପାଳନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ତଦାରଖ କମିଟି ମାଧ୍ୟମରେ ଅଲଟ୍ରାସାଉଣ୍ଡ କେନ୍ଦ୍ରଗୁଡ଼ିକର ନିୟମିତ ଅନୁଧ୍ୟାନ ସହ ସମସ୍ତ ତଥ୍ୟର ପୁଙ୍ଖାନୁପୁଙ୍ଖ ଯାଞ୍ଚ ପାଇଁ ନିଷ୍ପତ୍ତି ହୋଇଛି। ଜିଲ୍ଲାରେ ଲିଙ୍ଗ ଅନୁପାତକୁ ବଜାୟ ରଖିବା ପାଇଁ ବିଭିନ୍ନ ବିଭାଗର ସମନ୍ୱୟ ତଥା ଜନ ସହଭାଗିତାରେ ବ୍ୟାପକ ଜନ ସଚେତନତା ଗ୍ରହଣ କରିବା ପାଇଁ ଆଲୋଚନା ହୋଇଥିଲା। ଗତ ବୈଠକରେ ଜିଲ୍ଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସହ ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଲଟ୍ରାସାଉଣ୍ଡ ମେସିନ ସ୍ଥାପନ ଉପରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ପ୍ରଦୀପ କୁମାର ଗୁରୁ, ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର, ସୋନପୁର ଉପଜିଲ୍ଲାପାଳ ସୌମ୍ୟାରୂପା ରଥ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଦୈତ୍ୟ ନାରାୟଣ ପାଢ଼ୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକ୍ଷକ ଦୁର୍ଗାଦତ୍ତ ଦାସ, ରମେଶ ଚନ୍ଦ୍ର ସ୍ୱାଇଁ, ଜିତାରାମ ବିଦ, ଅରବିନ୍ଦ ମହାପାତ୍ର, ଦିଲୀପ କୁମାର ପୁରୋହିତ, ଡିସିପିଓ ଚତୁର୍ଭୁଜ ଦାସ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅନୁପମା ପଣ୍ଡା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଡିପିଏମ ବିଶ୍ୱମ୍ବର ବେହେରା, ସାମ୍ବାଦିକ ସ୍ୱାଧୀନ ମେହେର ତଥା ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।



## ଏନ୍ଏସ୍ସିସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ



**ତରଭା, ୯ ।୧ (ସମିସ):** ତରଭା ଏନ୍ଏସିସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ନଗରପାଳ ବନ୍ଦିତା ନାଏକଙ୍କ ଅଧ୍ୟକ୍ଷତାରେ ଏନଏସି ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଛି। ଏହି ବୈଠକରେ ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲ୍ଲିକ ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମକୁ କିରାଣୀ ବିଶ୍ୱ ରଞ୍ଜନ ମିଶ୍ର ପରିଚାଳନା କରିଥିଲେ। ନଗରପାଳ ଶ୍ରୀମତୀ ନାଏକ ଜାତୀୟ ପତାକା ଉତ୍ତୋଳନ ଓ ପରେଡ ଅଭିବାଦନ ଗ୍ରହଣ କରିବେ। ପରେଡରେ ବିଭିନ୍ନ ବିଦ୍ୟାଳୟର ୧୪ଟି ଦଳ ଭାଗନେବେ। ବୈଠକରେ ଉପ ନଗରପାଳ ଗଗନ ଅଗ୍ରୱାଲ, କାଉନସିଲର ଆକବର ଅଲ୍ଲୀ, ବିଦ୍ୟାଧର ଦେହେରୀଙ୍କ ସମେତ ବାଳକ ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁରଜ ସେଠୀ, ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର ନାଏକ, ଶ୍ରୀହରି ବିଦ୍ୟାପୀଠର ପରିଚାଳକ ରାଜେଶ ମେହେର, ଗୁଡ଼ୱିଲ ପବ୍ଲିକ ସ୍କୁଲ ପରିଚାଳକ ଦିନେଶ ମାହାଣା, ଶିକ୍ଷୟିତ୍ରୀ ତପସ୍ୱିନୀ ପଟ୍ଟନାୟକ, ଏଇଏସ କଲେଜ ପିଇଟି ସଞ୍ଜୀବ ସାହୁ, ସାମ୍ବାଦିକ କପିଳାସ ସେଠ, ଅନ୍ତର୍ଯ୍ୟାମୀ ସାହୁଙ୍କ ସମେତ ହରିବନ୍ଧୁ ପାଣିଗ୍ରାହୀ, ଜୟପ୍ରକାଶ ନାରାୟଣ ସାହୁ, ସୁରେନ୍ଦ୍ର ଦଳବେହେରା, ରଞ୍ଜିତ ମହାନ୍ତି, ଜନାର୍ଦ୍ଦନ ଥାନାପତି, କୃଷ୍ଣଚନ୍ଦ୍ର ମହାଣା, ଅଗ୍ନିଶମ ବିଭାଗର ପ୍ରଶାନ୍ତ ସାହୁ, ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ଥିଲେ।

## ରାଣୀଝୁଲା ମହୋତ୍ସବ ପ୍ରସ୍ତୁତି ବୈଠକ

**ତରଭା, ୯ ।୧(ସମିସ):** ତରଭା ବ୍ଲକ କମସରାରେ ଚତୁର୍ଥ ରାଣୀଝୁଲା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ସ୍ୱେଚ୍ଛାସେବୀ ଶିଶିର ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଐତିହାସିକ ମାନ୍ୟତା ଦାବି କରୁଥିବା ରାଣୀଝୁଲା ପାହାଡ଼ ଓ ତାର ସଂସ୍କୃତି ଉପରେ ଆଲୋଚନା କରାଯାଇଥିଲା। ଚଳିତବର୍ଷ ଫେବୃଆରୀ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ମହୋତ୍ସବରେ ଅଷ୍ଟପ୍ରହରୀ ନାମଯଜ୍ଞ, ରକ୍ତଦାନ ଶିବିର, ମାଗଣା ଚକ୍ଷୁ ପରୀକ୍ଷା ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ମହୋତ୍ସବ କମିଟିର ବରିଷ୍ଠ ସଭ୍ୟ ବିଶ୍ୱାମିତ୍ର କୁଅଁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପଦ୍ମ କିଶୋର ମାଝୀ ଓ ସୋଭଗ୍ୟ ବିଦ୍ଧାଣୀ, ଜଜୟ ସିଂ କୁଅଁର, ଡିଲେଶ୍ୱର ରଣା, ପ୍ରଫୁଲ୍ଲ ପୁଝାରୀ, ଚମ୍ପେଶ୍ୱର ରଣା, ତପନ କୁଅଁର, ରଜନୀ ଦ୍ୱାରୀ, ଚୈତନ୍ୟ ଭୋଇ, ଦିଲ୍ଲୀପଙ୍କ ସମେତ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ତରଭା ବାଳକ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍ଯାପିତ

**ତରଭା, ୯ ।୧(ସମିସ):** ତରଭା ହାଇସ୍କୁଲ ଖେଳପଡ଼ିଆଠାରେ ଦୁଇଦିନ ଧରି ଚାଲିଥିବା ସରକାରୀ ବାଳକ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁରଜ ସେଠୀଙ୍କ ନେତୃତ୍ୱରେ ବିଦ୍ୟାଳୟର ଛାତ୍ରମାନେ ମାଁ ଦୁର୍ଗାଙ୍କ ମନ୍ଦିରରୁ ମଶାଲ ନେଇ ଖେଳ ପଡ଼ିଆରେ ପହଞ୍ଚିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଏଇଏସ କଲେଜ ଖେଳ ଶିକ୍ଷକ ସଞ୍ଜୀବ ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ନନ୍ଦିନୀ ରଣା ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ତରଭା ଗୋଷ୍ଠୀ ଶିକ୍ଷାଧିକାରୀ ନାରାୟଣ ମିଶ୍ର, ସମ୍ମାନିତ ଅତିଥି ଭାବରେ ମୋ ସ୍କୁଲ ଅଭିଯାନ ସଭାପତି ହାରିବନ୍ଧୁ ପାଣିଗ୍ରାହୀ ଓ ସ୍କୁଲ ପରିଚାଳନା କମିଟି ସଭାପତି ନନ୍ଦିନୀ ରଣା ଯୋଗଦେଇ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଖେଳଶିକ୍ଷୟିତ୍ରୀ ମମନ ବେହେରା, କଲ୍ୟାଣ ମହାପାତ୍ର, ସସ୍ମିତା ବେହେରା, ଭବାନୀ ଶଙ୍କର ସାହୁ, ଅଭିଲାଷ ରଣା ଖେଳ ପରିଚାଳନା କରିଥିଲେ। ସିନିଅର ବିଭାଗରେ ଦେବାଶିଷ ନାଏକ, ଅଭିଜିତ କୁମ୍ଭାର, ସବ୍‌ଜୁନିଅର ବାଳକ ବିଭାଗରେ ମନୋଜ ନାଗ ଓ ବାଳିକା ବିଭାଗରେ କ୍ରିତିକା ବାଗ ଚାମ୍ପିଅନ ହୋଇଥିଲେ। ବିଦ୍ୟାଳୟର ଶିକ୍ଷକ ସତ୍ୟବ୍ରତ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଚିନ୍ମୟୀ କୁମାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




# ମା' ମାହେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ବୀରମହାରାଜପୁର, ୯ ।୧ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ଖଣ୍ଡହତା ପଞ୍ଚାୟତର ବରଘାଟ ଠାରେ ହେଉଥିବା ୪ର୍ଥ ମା' ମାହେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଚୌକାକୁ ହରାଇ ଉଲୁଣ୍ଡା ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଉଲୁଣ୍ଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୭ ଓଭର ରେ ୬ ଉଇକେଟ ହରାଇ ୭୫ ରନ କରିଥିଲା। ଜବାବରେ ଚୌକା ଦଳ ନିର୍ଦ୍ଧାରିତ ୭ ଓଭର ରେ ୬ ଉଇକେଟ ହରାଇ ୬୦ ରନ କରି ପରାସ୍ତ ହୋଇଥିଲା। ଫଳରେ ଉଲୁଣ୍ଡା ଦଳ ବିଜୟୀ ହୋଇ ଚାମ୍ପିଅନ

### ଉଲୁଣ୍ଡା ଚାମ୍ପିଅନ

ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି ଏବଂ ଜୋନ୍ -୧ ଜିଲ୍ଲା ପରିଷଦ ସଭ୍ୟ ଲବ କୁମାର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଆଖୋଜ ପ୍ରଧାନ, କ୍ରୀଡାବିତ୍ ଆନନ୍ଦ ବିଶ୍ୱାଳ, କମିରା ସରପଞ୍ଚ ପ୍ରତିନିଧି ସପନ ପ୍ରଧାନ, ରାମପ୍ରସାଦ କର୍ଣ୍ଣ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଲୁଣ୍ଡାର ଅଭିଲାଷ ନାୟକଙ୍କୁ ମ୍ୟାନ ଅଫ ଦି ଫାଇନାଲ ଓ ଚୌକା ଦଳର ସୁମିତ ସାହୁଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଏହା ସହିତ ଚାମ୍ପିଅନ ଉଲୁଣ୍ଡା ଦଳକୁ ୨୦ ହଜାର ଟଙ୍କା ସହିତ ଟ୍ରଫି ଏବଂ ଉପବିଜେତା ଚୌକା ଦଳକୁ ୧୫ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚ୍‌କୁ ପ୍ରମୋଦ ସିଂ ଓ ଲିଙ୍ଗରାଜ ବିଶ୍ୱାଳ ପରିଚାଳନା କରିଥିବା ବେଳେ ଶ୍ରୀତମ ପ୍ରଧାନ ସ୍କୋରିଂ ଏବଂ ରାଜେଶ କର ଧାରାବିବରଣୀ ପ୍ରଦାନ କରିଥିଲେ।



# ତୃତୀୟ ଆଞ୍ଚଳିକ ବାରପାହାଡ଼ ମହୋତ୍ସବ

**ତରଭା, ୯ ।୧(ସମିସ):** ମେଣ୍ଡା ଅଞ୍ଚଳର ଅନେକଗୁଡ଼ିଏ ବିକାଶ କାମ କରାଯାଇଛି। ଆଗକୁ ଆହୁରି ଅନେକ ପ୍ରକଳ୍ପ କାମ ଆରମ୍ଭ କରାଯିବ। ମେଣ୍ଡା ଅଞ୍ଚଳର ଲୋକଙ୍କ ସହିତ ମୁଁ ଅଛି ଓ ତାଙ୍କର ଦାବିଗୁଡିକୁ ମୋର ସମର୍ଥନ ରହିଛି ବୋଲି ସୋନପୁର ଜିଲ୍ଲା ତରଭା ବ୍ଲକ ଅଧୀନ ମେଣ୍ଡାଠାରେ ତୃତୀୟ ଆଞ୍ଚଳିକ ବାରାପାହାଡ଼ ମହୋତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ଏଭଳି କହିଛନ୍ତି। ଅଧ୍ୟାପକ ରାଜୀବ କୁମାର ଯୋଷୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲାପରିଷଦ ସଭ୍ୟା ଅଞ୍ଜଳି କମ୍ପ, ମେଣ୍ଡା ସରପଞ୍ଚ ଲିଜାରାଣୀ ଦଣ୍ଡସେନା, ରାଣୀସର୍ଡା ସରପଞ୍ଚ ବାଳଗୋପାଳ କର୍ମୀ, ଦେଉଳପଦର ସମିତିସଭ୍ୟ ରାଜ କିଶୋର ଭୁଏ, ପୁଆ ସମିତି ସଭ୍ୟ ହେମନ୍ତ ମାଝୀ ଓ ମୁଖ୍ୟବକ୍ତା ଭାବରେ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଯୋଗଦେଇ ଥିଲେ। ଏହି ଅବସରରେ ସୁକତେଲ ନଦୀରେ ଏକ ବ୍ୟାରେଜ ନିର୍ମାଣ ଓ ମୁଖ୍ୟଦାବି ଭାବରେ ମେଣ୍ଡାକୁ ବ୍ଲକ ଘୋଷଣା କରିବାକୁ ଦାବି କରାଯାଇଛି। ଗତ ତିନିବର୍ଷ ଧରି ଚାଲିଥିବା ଏହି ମହୋତ୍ସବ ଅବସରରେ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ଯୋଗଦେଇ ଅଞ୍ଚଳକୁ ଅନେକ ଗୁଡିଏ ଉନ୍ନୟନ ପ୍ରକଳ୍ପ ଦେଇଛନ୍ତି। ଏହି ଧାରା ଆଗକୁ ମଧ୍ୟ ଚାଲୁରହିବ ବୋଲି ଉପସ୍ଥିତ ଜନସାଧାରଣଙ୍କୁ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ବାରପାହାଡ଼ ମହୋତ୍ସବ ଅବସରରେ ପ୍ରତ୍ୟହ କଂସଦରବାର ଆୟୋଜିତ ହେଉଛି। ବଲାଙ୍ଗିର ଜିଲ୍ଲା ଫଟକରା ଗ୍ରାମର କଳାକାର ଅନୀଲ ନାଏକ ଓ ତାଙ୍କ ଦଳ କଂସ ଦରବାର ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି। ମେଣ୍ଡା, ଦେଉଳପଦର, ପାଇକବାହାଲ, ପୁଆ ଗ୍ରାମପଞ୍ଚାୟତ ଅଞ୍ଚଳର ହଜାର ହଜାର ଲୋକ ଏହି କଂସ ଦରବାରକୁ ଉପଭୋଗ କରୁଛନ୍ତି। ମହୋତ୍ସବ ଆୟୋଜକ କମିଟିରେ ତରଭା ବ୍ଲକ ଅଧକ୍ଷ ସରୋଜକୁମାର କମ୍ପ, ରାଜେନ୍ଦ୍ର ପଣ୍ଡା, ରାମଶଙ୍କର ମହାପାତ୍ର, ହୃଷିକେଶ ପାତ୍ର, ହରିଶଙ୍କର ପୁରୋହିତ, ଡୁବୁଲୋ ଦଣ୍ଡସେନା, ଚକ୍ରଧର ସା, ଗଣନାଥ ସାହୁ ପ୍ରମୁଖ ରହିଛନ୍ତି।

# ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

**ବୀରମହାରାଜପୁର, ୯ ।୧(ସମିସ):** ବୀରମହାରାଜପୁର ଉପଖଣ୍ଡ ଅଧୀନ ନିମ୍ନା ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ବୁଧବାର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତାରାକାନ୍ତ ମେହେର ଯୋଗଦାନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସୁଧାଂଶୁ ଶେଖର ମିଶ୍ର ଓ ହିମାଂଶୁ ତରିଆ ପ୍ରମୁଖ ଯୋଗଦାନ କରିଥିଲ। ଉଦ୍ଯାପନୀ ଉତ୍ସବରେ ସ୍କୁଲର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଜଗୁରୁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ବିଶ୍ୱେଶ୍ୱର ଗୁରୁ ଅତିଥି ପରିଚୟ ପ୍ରଦାନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଚାମ୍ପିଅନ ଭାବରେ ଛାତ୍ର ଅଂଶୁମାନ ବେହେରା ଓ ଛାତ୍ରୀ ପାର୍ବତୀ କଲେତ୍ ପୁରସ୍କୃତ ହୋଇଥିଲେ। ଖେଳ ଶିକ୍ଷକ ପ୍ରଫୁଲ୍ଲ ମହାରଣା ଖେଳ ପରିଚାଳନା କରିଥିଲେ। ଶିକ୍ଷକ ଆଦିତ୍ୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଗରିବ ବାଘ, ବିଘ୍ନେଶ୍ୱର ଗୁରୁ, ଇନ୍ଦ୍ରଜିତ ବଗର୍ତ୍ତି, ନିବୃତ୍ତି ଗରିଆ, ଘନଶ୍ୟାମ ମେହେର, ଭିକାରୀ ମେହେର, ଚେରୁ ତରିଆ, ଶକୁନ୍ତଳା ମେହେର, ବାନାମ୍ବର ମେହେର, ପ୍ରମୁଖ ସହଯୋଗ କରିଥିଲେ।

### ଟାଟା ପାୱାର ଯନ୍ତ୍ରୀଙ୍କ ଦାଦାଗିରି

# ସାମ୍ବାଦିକଙ୍କୁ ଆକ୍ରମଣ ପ୍ରତିବାଦରେ ଧାରଣା

**ଟିଟିଲାଗଡ଼, ୯ ।୧(ସମିସ)**

ଟିଟିଲାଗଡ଼ ଥାନା ଅଧୀନ ଖୋଲାଣ ବ୍ରିଜ ନିକଟରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ସାମ୍ବାଦିକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସାମ୍ବାଦିକଙ୍କ କ୍ୟାମେରା ବେଟେରି ସହ ଚିପ୍ସ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ଟିଟିଲାଗଡ଼ ଅଞ୍ଚଳରେ ଜଣେ ଶ୍ରମିକ ବିଦ୍ୟୁତ କରେଣ୍ଟ ଲାଗି ମୃତ୍ୟୁବରଣ କରିଥିବାବେଳେ ଏହାର ବିଭାଗ ତରଫରୁ ପ୍ରତିକ୍ରିୟା ତଥା ମତାମତ ନେବାକୁ ଯାଇଥିବା ଗଣମାଧ୍ୟମ ପ୍ରତିନିଧି ଉପରେ ଏହି ମରଣାନ୍ତକ ଆକ୍ରମଣ ହୋଇଛି। ଟିଟିଲାଗଡ଼ ଟାଟାପାୱାର ଡିଭିଜନରର ଅନେକ ଅଧିକାରୀ, ଏସଡିଓ, ଜେଇ ନିଜ ଡ୍ୟୁଟି ଛାଡି ନିକଟସ୍ଥ ଲାନ୍ଥ ନଦୀ ବ୍ରିଜ୍ ତଳେ ଥିବା ଆମ୍ବ ବଗିଚାରେ ଭୋଜି ଭାତର ଆସର ଜମାଇଥିବା ବେଳେ ବୁଧବାର ଅପରାହ୍ନରେ ସାମ୍ବାଦିକ ସଞ୍ଜୟ ବେହେରା, ଅବିନାଶ ନନ୍ଦ, ତରୁଣ ବେହେରା ଅଧିକାରୀଙ୍କ ମତାମତ ନେବାପାଇଁ ସେଠାକୁ ଯାଇଥିଲେ। ସେଠାରେ ଉପସ୍ଥିତ ଥିବା କେତେକ ଅଧିକାରୀ ଉତ୍କ୍ଷିପ୍ତ ହୋଇ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ଅତର୍କିତ ମରଣାନ୍ତକ ଆକ୍ରମଣ କରିଥିଲେ। ଚାକୁ ଏବଂ ପନଖି ଧରି ମାରିବାକୁ ଦୌଡ଼ାଇବାରୁ ଗଣମାଧ୍ୟମ ପ୍ରତିନିଧିମାନେ ଚିତ୍କାର କରିବାରୁ ଖୋଲାଣ ସରପଞ୍ଚ ନରେଶ ଅଗ୍ରୱାଲ ତଥା ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଆହତ ସାମ୍ବାଦିକମାନଙ୍କୁ ଉଦ୍ଧାର କରିଥିଲେ। ବିଦ୍ୟୁତ ଅଧିକାରୀ ସରପଞ୍ଚ ଶ୍ରୀ ଅଗ୍ରୱାଲଙ୍କୁ ମଧ୍ୟ ଦୁର୍ବ୍ୟବହାର ପ୍ରଦର୍ଶନ କରିବାକୁ ପଛାଇ ନ ଥିଲେ। ଏନେଇ ଟିଟିଲାଗଡ଼ ଥାନାରେ ବିଦ୍ୟୁତ ବିଭାଗର ଅଧିକାରୀ, ଏସ୍‌ଡିଓ, ତଥା ଜେଇଙ୍କ ନାମରେ ଆହତ ସାମ୍ବାଦିକମାନେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ମାମଲାକୁ ହାଲୁକା ଭାବରେ ଗ୍ରହଣ କରୁଥିବା ଅଭିଯୋଗ କରି ଆଜି ସାମ୍ବାଦିକମାନେ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଶିବ ପ୍ରସାଦ ପରିଡ଼ା, ଜିଲ୍ଲା ଓୟୁଜେ ସଭାପତି ପ୍ରଦୀପ୍ତ ମିଶ୍ର, ସାମ୍ବାଦିକ ମାନସ ମହାନ୍ତି, ତୀର୍ଥଙ୍କର ପଟେଲ, ରାଜ୍ୟ ସରପଞ୍ଚ ସଂଘ କାର୍ଯ୍ୟକାରୀ ସଭାପତି ବୀରବର ସାହୁ ପ୍ରମୁଖ ଧାରଣାରେ ବସିଥିଲେ। କଣ୍ଟାବାଞ୍ଜି ବିଦ୍ୟୁତ ବିଭାଗ ଏସ୍‌ଡିଓ ଜଗନ୍ନାଥ ପତିଙ୍କ ସମେତ ୫ ଯନ୍ତ୍ରୀ ତଥା କର୍ମଚାରୀ ସାମ୍ବାଦିକଙ୍କୁ ଆକ୍ରମଣ କରିଥିଲେ। ଏନେଇ ପୁଲିସ ଦୋଷୀଙ୍କୁ ଖସାଇବାକୁ ଉଦ୍ୟମ କରୁଥିବା ଅଭିଯୋଗ କରିଥିଲେ। ଟିଟିଲାଗଡ଼ ଥାନା ଆଇଆଇସି ବିଶ୍ୱଜିତ ମନବୋଧ ଧାରଣାସ୍ଥଳରେ ପହଞ୍ଚି ମାମଲାରେ କଣ୍ଟାବାଞ୍ଜି ଟାଟାପାୱାର ଏସ୍‌ଡିଓ ଏବଂ କର୍ମଚାରୀ ଚିନ୍ମୟ ସାହୁଙ୍କୁ ଗିରଫ କରାଯାଇଛି। ଅନ୍ୟମାନେ ଶୀଘ୍ର ଧରାହେବେ ବୋଲି କହିବା ନେଇ ଧାରଣା ପ୍ରତ୍ୟାହୃତ ହୋଇଥିଲା।



### ଜେଲ୍ ଗଲେ ୨ ଅଭିଯୁକ୍ତ

## କାର୍ଯ୍ୟାନୁଷ୍ଠାନ ଦାବିକଲା ଜିଲ୍ଲା ସାମ୍ବାଦିକ ସଂଘ



**ବଲାଙ୍ଗିର :** ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଉପଖଣ୍ଡରେ କାର୍ଯ୍ୟରତ ତିନିଜଣ ସାମ୍ବାଦିକଙ୍କୁ ବିଦ୍ୟୁତ ବିଭାଗର ଅଧିକାରୀମାନେ ଗୋଡ଼ାଇ ଗୋଡ଼ାଇ ମାଡ଼ମାରିବା ଘଟଣାକୁ ନେଇ ଚାରିଆଡେ ପ୍ରତିକ୍ରିୟା ପ୍ରକାଶ ପାଇଛି। ମଦ୍ୟପ ଅଧିକାରୀଙ୍କ ଏଭଳି କାର୍ଯ୍ୟକୁ ନିନ୍ଦା କରିବା ସହିତ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରି ଜିଲ୍ଲପାଳ, ଏସ୍‌ପି ଓ ବିଦ୍ୟୁତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଭେଟିଥିଲା ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘ। ସଂଘର ଉପସଭାପତି ବଳରାମ ମିଶ୍ର ଓ ସାଧାରଣ ସମ୍ପାଦକ ଶିଶିରକାନ୍ତ ଶତପଥୀଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ପ୍ରଶାସନିକ ଅଧିକାରୀ ମାନଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରିଥିଲେ। ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରିଥିଲେ। ଜିଲ୍ଲା ସାମ୍ବାଦିକ ସଂଘର କୋଷାଧକ୍ଷ ସୁନୀଲ ମହାନ୍ତି, ବରିଷ୍ଠ ସାମ୍ବାଦିକ ଗୋପବନ୍ଧୁ ଶତପଥୀ, ଶରତ ମହାକୁର, ବିରେନ୍ଦ୍ର ଝାଙ୍କର, ଚନ୍ଦ୍ରଭାନୁ ମୋଲାନା, ଚିତ୍ତରଞ୍ଜନ ମିଶ୍ର, ଘଟେଶ୍ୱର ମିଶ୍ର, ମହେନ୍ଦ୍ର ଦର୍ଜୀ, ରାଜା ମିଶ୍ର, ରଘୁନନ୍ଦନ ସିଂ, ପୱନ ଅଗ୍ରୱାଲ, ଶ୍ରୀମନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

